ବର୍ଷ-୨୪, ସଂଖ୍ୟା-୧୮୯
ଭୁବନେଶ୍ୱର
୦୮ ଅଗଷ୍ଟ, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 189
Bhubaneswar
08 August, 2024, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଭାରତକୁ ଝଟ୍‌କା : ଭିନେଶ ଫୋଗାଟ୍ ଅଯୋଗ୍ୟ ଘୋଷିତ



**ପ୍ୟାରିସ,୭।୮ :** ପ୍ୟାରିସ ଅଲିମ୍ପିକ୍ସରେ ଭାରତକୁ ମିଳିଛି ବଡ଼ ଝଟକା। ହାତ ପାହାନ୍ତାକୁ ଆସି ମଧ୍ୟ ଭାଙ୍ଗି ଯାଇଛି ମେଡାଲ ଜିତିବାର ସ୍ୱପ୍ନ। ଏଥିସହ ୧୪୦ କୋଟି ଭାରତୀୟଙ୍କ ହୃଦୟ ମଧ୍ୟ ଭାଙ୍ଗିଛି। ଯେଉଁ ପ୍ରତିଯୋଗୀଙ୍କଠାରୁ ସ୍ୱର୍ଣ୍ଣ ଆଶା ରଖିଥିଲା ଭାରତ ତାହା ଆଜି ଚୁରମାର ହୋଇଯାଇଛି। ୫୦ କିଲୋଗ୍ରାମ ଫ୍ରିଷ୍ଟାଇଲ୍ କୁସ୍ତିରେ ହ୍ୟାଟ୍ରିକ୍ ବିଜୟ ହାସଲ କରି ଭିନେଶ ଫାଇନାଲରେ ସ୍ଥାନ ସୁରକ୍ଷିତ କରିବା ପରେ ଭାରତ ପାଇଁ ଏକ ଗର୍ବର ବିଷୟ ପାଲଟିଥିଲା। ମାତ୍ର ସେହି ସୌଭାଗ୍ୟ ଭାରତକୁ ମିଳୁ ମିଳୁ ଅଧାରୁ ରହିଗଲା। ସେମିଫାଇନାଲରେ ଜାପାନର ୟୁଇ ସୁସାକିଙ୍କୁ ପରାସ୍ତ କରି ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ ବିନେଶ। ଟୋକିଓ ଅଲିମ୍ପିକ୍ସ ବିଜୟିନୀ ତଥା ଚାରି ଥର ବିଶ୍ୱ ଚାମ୍ପିଅନ ଥିବା ସୁସାକିଙ୍କୁ ପରାସ୍ତ କରିବା ସହ ଇତହାସ ରଚିଥିଲେ ବିନେଶ। ବୁଧବାର ହୋଇଥାନ୍ତା ଫାଇନାଲ ଫାଇଟ୍। କିନ୍ତୁ ଏହା ପୂର୍ବରୁ ଗୋଟିଏ ନିୟମ ଏହି ସ୍ୱପ୍ନକୁ ଧୂଳିସାତ କରିଦେଇଛି। ମ୍ୟାଚ୍ ପୂର୍ବରୁ ହିଁ ଅଲିମ୍ପିକ୍ସରୁ ବାଦ ପଡ଼ିଛନ୍ତି ଭାରତୀୟ ମହିଳା କୁସ୍ତି ଯୋଦ୍ଧା ବିନେଶ ଫୋଗାଟ୍। ୫୦ କିଲୋଗ୍ରାମ ବର୍ଗରେ ମାତ୍ର ୧୫୦ଗ୍ରାମ ଅଧିକ ଓଜନ ପାଇଁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ଏବେ ରୌପ୍ୟ ପଦକ ପାଇବାକୁ ମଧ୍ୟ ଯୋଗ୍ୟ ନୁହଁନ୍ତି ବିନେଶ। ପ୍ୟାରିସ୍ ଅଲିମ୍ପିକ୍ସରେ ଭିନେଶ ଫୋଗଟ୍ ଆଉ କୌଣସି ପଦକ ଜିତିବେ ନାହିଁ।

ମଙ୍ଗଳବାର ରାତିରେ ଭିନେଶ ଫୋଗଟଙ୍କ ଓଜନ ୫୦ କିଲୋ ଥିବା ବେଳେ ବୁଧବାର ମାତ୍ର ୧୫୦ ଗ୍ରାମ୍ ବଢ଼ିଯିବାରୁ ତାଙ୍କୁ ଖେଳରୁ ବିଦାୟ ନେବାକୁ ପଡ଼ିଛି। ଏହି ନିଷ୍ପତ୍ତି ପ୍ରତି ଭାରତୀୟଙ୍କ ହୃଦୟ ସହ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ବିଜୟର ସ୍ୱପ୍ନକୁ ମଧ୍ୟ ଚୁରମାର କରିଦେଇଛି। ଫାଇନାଲ ମ୍ୟାଚର ମାତ୍ର କିଛି ଘଣ୍ଟା ପୂର୍ବରୁ ଅଯୋଗ୍ୟ ଘୋଷିତ ହୋଇଛନ୍ତି ଭାରତର ମହିଳା କୁସ୍ତି ଯୋଦ୍ଧା ବିନେଶ ଫୋଗାଟ। ଭିନେଶ ଅଯୋଗ୍ୟ ଘୋଷିତ ହେବା ସହିତ ଭାରତକୁ ଲାଗିଛି ବଡ ଝଟକା ଲାଗିଛି। ତେବେ ଏହି ନିଷ୍ପତ୍ତି ପଛରେ ଷଡ଼ଯନ୍ତ୍ର ଥିବା ନେଇ ସନ୍ଦେହ ବଢ଼ିଛି। ବିନେଶ ଓଜନ କମାଇବା ପାଇଁ କିଛି ସମୟ ମାଗିଥିଲେ ମଧ୍ୟ ଏହାକୁ ପ୍ରତ୍ୟାକ୍ଷାନ କରିଥିଲା ଇଣ୍ଟରନ୍ୟାସନାଲ ଅଲିମ୍ପିକ୍ସ କମିଟି। କମିଟିର ଏହି ନିଷ୍ପତ୍ତିକୁ ବିରୋଧ କରିଛି ଭାରତ। ଭାରତୀୟ ଅଲିମ୍ପିକ ସଂଘ ପକ୍ଷରୁ ସବୁ ସମ୍ଭବ ପ୍ରୟାସ କରାଯାଉଥିବା କହିଛନ୍ତି ଅଲିମ୍ପିଆନ ପିଟି ଉଷା।

ଲୋକସଭାରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ। କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ବୁଧବାର ଲୋକସଭାରେ କୁସ୍ତିଯୋଦ୍ଧା ଭିନେଶ ଫୋଗାଟଙ୍କୁ ପ୍ୟାରିସ ଅଲମ୍ପିକ ୨୦୨୪ର ୫୦ କିଲୋଗ୍ରାମ ଭାର ବର୍ଗ ଇଭେଂଟରେ ମହିଳା ରେସଲିଂରେ ଅଯୋଗ୍ୟ ଘୋଷଣା ଉପରେ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆଇଓଏ ଅଧ୍ୟକ୍ଷ ପିଟି ଉଷାଙ୍କ ସହ ନିଜେ ଏହା ସଂପର୍କରେ ଆଲୋଚନା କରିଛନ୍ତି ଏବଂ ଅନ୍ତର୍ଜାତୀୟ ଅଲମ୍ପିକ ସଂଘରେ ମାମଲା ଉଠାଇବାକୁ କହିଛନ୍ତି। ଖେଳମନ୍ତ୍ରୀ ମାଣ୍ଡଭ୍ୟ ଲୋକସଭାରେ ଦ୍ୱିପ୍ରହରରେ ବୟାନ ଦେଇଥିଲେ। ସେ କହିଥିଲେ ଯେ, ଅଲମ୍ପିକ ନିୟମ ମୁତାବକ ପ୍ରତି ଦିନ ସକାଳେ ଖେଳାଳିଙ୍କ ଭାର ବର୍ଗର ହିସାବରୁ ଓଜନ ମପାଯାଇଥାଏ। ଓଜନ କରାଉନଥିବା କିମ୍ବା ଓଜନ ଅଧିକ ହେଲେ ଖେଳାଳିଙ୍କୁ ଅଯୋଗ୍ୟ ଘୋଷଣା କରିଦିଆଯାଏ। ଆଜି ସକାଳେ ତାଙ୍କ ଓଜନ ୫୦ କିଗ୍ରାରୁ ୧୦୦ ଗ୍ରାମ ଅଧିକ ହୋଇଥିଲା। ସେ ୫୦ କିଲୋଗ୍ରାମ ଭାରବର୍ଗର ଫାଇନାଲରେ ପହଂଚିଥିବା ପ୍ରଥମ ଭାରତୀୟ ମହିଳା ଅଟନ୍ତି। ମାଣ୍ଡଭ୍ୟ ନିଜ ବକ୍ତବ୍ୟରେ ଭିନେଶଙ୍କ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସହଯୋଗ ସଂପର୍କରେ ତଥ୍ୟ ଦେଇଥିଲେ। ସେ କହିଥିଲେ ଯେ, ଭିନେଶଙ୍କୁ ୭୦ଲକ୍ଷରୁ ଅଧିକ ଟଙ୍କାର ସହାୟତା ଦିଆଯାଇଛି। ତାଙ୍କୁ କୋଚ ସହିତ ଅନ୍ୟ ଷ୍ଟାଫ ଯୋଗାଯାଇଛି।


ଅନ୍ୟପକ୍ଷରେ ବିନେଶଙ୍କ ସହ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ। ଭିନେଶ ଫୋଗଟଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଏକ ଏକ୍ସ ପୋଷ୍ଟରେ କହିଛନ୍ତି; 'ଭିନେଶ, ଆପଣ ଚାମ୍ପିୟନମାନଙ୍କ ମଧ୍ୟରେ ଚାମ୍ପିୟନ! ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଆପଣ ଭାରତର ଗର୍ବ ଓ ପ୍ରେରଣା। ଆଜିର ଘଟଣା ଦୁଃଖଦାୟକ; ମୋ ମନରେ ଥିବା ନିରାଶାକୁ ବ୍ୟକ୍ତ କରିବା ଲାଗି ଭାଷା ପାଉ ନାହିଁ। ଏହା ସହିତ, ମୁଁ ଜାଣେ ଯେ ଆପଣ ଧୈର୍ଯ୍ୟର ପ୍ରତୀକ ଅଟନ୍ତି। ଆହ୍ୱାନକୁ ସାମ୍ନା କରିବା ସବୁବେଳେ ଆପଣଙ୍କ ସ୍ୱଭାବ ରହିଆସିଛି। ଅଧିକ ଦୃଢ଼ ହୋଇ ଆପଣ ଠିଆ ହେବେ। ଆମେ ସମସ୍ତେ ଆପଣଙ୍କୁ ସମର୍ଥନ କରୁଛୁ।

ବିନେଶ ଫୋଗାଟ ଅଯୋଗ୍ୟ ଘୋଷଣା ହେବା ପରେ ଏବେ ଅଲିମ୍ପିକ୍ସର ନିୟମକୁ ନେଇ ଉଠିଛି ପ୍ରଶ୍ନ। ଅଲିମ୍ପିକ୍ସର ପୁରୁଣା ନିୟମ ଅନୁସାରେ ସମାନ ଦିନରେ ଖେଳ ଶେଷ ହେବା କଥା। ମେଡାଲ ବିଜେତା ମଧ୍ୟ ନିର୍ଣ୍ଣୟ ହୋଇଯାଇଥାଏ। କିନ୍ତୁ ପ୍ୟାରିସ୍ ଅଲିମ୍ପିକ୍ସରେ କୁସ୍ତି ଖେଳକୁ ୨ ଦିନ ରଖାଯାଇଛି। ଏହି ୨ ଦିନ ଯାକ ଖେଳାଳିଙ୍କ ଓଜନ କରାଯିବାକୁ ନିୟମ ରଖିଛି ଅଲିମ୍ପିକ୍ସ ମହାସଂଘ। ଏହାକୁ ନେଇ ମଧ୍ୟ ଅନେକ ସଂଶୟ ସୃଷ୍ଟି ହେଉଛି।

ପୂର୍ବରୁ ୫୦ କେଜି ଓଜନରେ ହିଁ କ୍ୱାଟର ଓ ସେମିଫାଇନାଲ ଜିତି ପଦକ ପକ୍କା କରିଥିଲେ ବିନେଶ। କିନ୍ତୁ ଗୋଟିଏ ରାତିରେ ୧୫୦ ଗ୍ରାମ ଓଜନ ବଢ଼ିବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରିଛି ଅଲିମ୍ପିକ୍ସ ମହାସଂଘ। ବିନେଶ ଓଜନ କମାଇବାକୁ ସମୟ ମାଗିଥିଲେ ମଧ୍ୟ ଏହାକୁ ପ୍ରତ୍ୟାକ୍ଷାନ କରିଦିଆଯାଇଛି। ପ୍ୟାରିସ ଅଲିମ୍ପିକ୍ସରେ ଅନେକ ମହାରଥୀଙ୍କୁ ପରାସ୍ତ କରିଥିଲେ ଭିନେଶ। ଅଗଷ୍ଟ ୭ ତାରିଖରେ ପ୍ରଥମ ମୁକାବିଲାରେ ଅଲିମ୍ପିକ ଚାମ୍ପିଅନ, ଦ୍ୱିତୀୟ ମୁକାବିଲାରେ ୟୁରୋପିଆନ୍ ଚାମ୍ପିଅନ ଏବଂ ତୃତୀୟ ମୁକାବିଲାରେ ପ୍ୟାନ ଆମେରିକାନ୍ ଚାମ୍ପିଅନଙ୍କୁ ପରାସ୍ତ କରି ଫାଇନାଲରେ ସ୍ଥାନ ପକ୍କା କରିଥିଲେ ବିନେଶ। ଏହି କାରଣରୁ ସେ ଷଡ଼ଯନ୍ତ୍ରର ଶିକାର ହୋଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି।

ଅନେକ ଦିନର ସଂଘର୍ଷ ଓ ତ୍ୟାଗ ପରେ ମିଳିଥିଲା ସଫଳତା। ପ୍ରଥମ ଭାରତୀୟ ମହିଳା ଭାବେ ଅଲିମ୍ପିକ୍ସ କୁସ୍ତିରେ ଫାଇନାଲରେ ପହଁଚି ପାରିଥିଲେ ବିନେଶ ଫୋଗାଟ। ସ୍ୱର୍ଣ୍ଣ ଜିତିବା ମଧ୍ୟରେ ଥିଲା ଆଉ ମାତ୍ର ଗୋଟି ପାଦର ଦୂରତା। କିନ୍ତୁ ମ୍ୟାଚର କିଛି ଘଣ୍ଟା ପୂର୍ବରୁ ଏହି ସ୍ୱପ୍ନ ଭାଙ୍ଗିଯାଇଛି। ଯାହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ବିନେଶ। ଏହି ଘଟଣା ପରେ ସେ ଅସୁସ୍ଥ ହୋଇପଡ଼ିଛନ୍ତି। ତେବେ ଭାରତର ଏହି ବୀରାଙ୍ଗନାଙ୍କ ପାଇଁ ଗର୍ବ କରୁଛି ଦେଶ। ବିନେଶଙ୍କ ପାଇଁ ବିବାରେ ଲାଗିଛି ସମର୍ଥନ।

## ସେପ୍ଟେମ୍ବର ୩ରେ ରାଜ୍ୟସଭା ଉପନିର୍ବାଚନ




**ଭୁବନେଶ୍ୱର,୭।୮ (ମହାଭାରତ):** ଓଡ଼ିଶା ସମେତ ୯ ରାଜ୍ୟରେ ଖାଲି ପଡିଥିବା ରାଜ୍ୟସଭା ଆସନରେ ଆସନ୍ତା ସେପ୍ଟେମ୍ବର ୩ ତାରିଖରେ ଉପ-ନିର୍ବାଚନ କରାଯିବ। ଏଥିପାଇଁ ଆସନ୍ତା ୧୪ ତାରିଖରେ ବିଜ୍ଞପ୍ତି ଜାରି ହେବ। ନାମାଙ୍କନର ଶେଷ ତାରିଖ ରହିଛି ୨୧ ଅଗଷ୍ଟ। ୨୨ ତାରିଖ ନାମାଙ୍କନ ଯାଞ୍ଚ ହେବ। ଓଡ଼ିଶା ପାଇଁ ନାମାଙ୍କନ ପ୍ରତ୍ୟାହରର ଶେଷ ତାରିଖ ରହିଛି ଅଗଷ୍ଟ ୨୭ ତାରିଖ। ଆବଶ୍ୟକ ପଡ଼ିଲେ ସେପ୍ଟେମ୍ବର ୩ରେ ହେବ ଭୋଟ ଗ୍ରହଣ ହେବ ବୋଲି ଭାରତୀୟ ନିର୍ବାଚନ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି। ବିଜେଡ଼ି ପକ୍ଷରୁ ରାଜ୍ୟସଭାକୁ ଯାଇଥିବା ମମତା ମହାନ୍ତଙ୍କ ଇସ୍ତଫା ପରେ ଓଡ଼ିଶାରେ ଗୋଟିଏ ଆସନ ପାଇଁ ରାଜ୍ୟସଭା ନିର୍ବାଚନ ହେବ।

ରାଜ୍ୟସଭାକୁ ଯାଇଥିବା ୧୨ ଜଣ ସଦସ୍ୟଙ୍କ ମଧ୍ୟରୁ ୧୦ ଜଣ ନିକଟରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଛନ୍ତି। ସେମାନେ ଲୋକସଭାକୁ ଯାଇଥିବାରୁ ଏବେ ଉକ୍ତ ରାଜ୍ୟସଭା ଆସନ ଗୁଡ଼ିକ ପାଇଁ ଉପନିର୍ବାଚନ ହେବାକୁ ଯାଉଛି। ଏମାନଙ୍କ ମଧ୍ୟରେ ପୀୟୂଷ ଗୋଏଲ, ସର୍ବାନନ୍ଦ ସୋନୱାଲ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆ ପ୍ରମୁଖ ରହିଛନ୍ତି। ସେହିପରି ସାଂସଦ ପଦରୁ ୨ ଜଣ ଇସ୍ତଫା ଦେବାରୁ ଉକ୍ତ ଆସନରେ ମଧ୍ୟ ଉପନିର୍ବାଚନ ହେବ। ଆସାମର ୨ଟି, ବିହାରର ୨ଟି, ମହାରାଷ୍ଟ୍ରର ୨ଟି, ହରିଆଣା, ମଧ୍ୟପ୍ରଦେଶ, ରାଜସ୍ଥାନ, ତ୍ରିପୁରା, ଓଡ଼ିଶା ଓ ତେଲଙ୍ଗାନାର ଗୋଟିଏ ଲେଖାଏଁ ରାଜ୍ୟସଭା ଆସନ ପାଇଁ ଉପ ନିର୍ବାଚନ ହେବ।

ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନରେ କିଏ ଶାସକ ଦଳର ପ୍ରାର୍ଥୀ ହେବେ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ମମତା ମହନ୍ତ ରାଜ୍ୟସଭା ପଦରୁ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ କିଏ ଯିବେ ରାଜ୍ୟସଭା ତା ଉପରେ ରହିଛି ସମସ୍ତଙ୍କ ନଜର। ବିଧାନସଭାର ସଂଖ୍ୟାଗଣିତକୁ ହିସାବକୁ ନେଲେ ବିଜେପି ଖାତାକୁ ରାଜ୍ୟସଭା ଆସନ ଯିବା ନିଶ୍ଚିତ। କାରଣ-ଦଳ ପାଖରେ ସଂଖ୍ୟା ହେଉଛି ୭୮। ଏପରିକି ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ବିଜେପି ସହ ରହିଛି। ନିର୍ବାଚନ କମିଶନଙ୍କ ତାରିଖ ଘୋଷଣା ସହ ପ୍ରାର୍ଥୀ ଘୋଷଣା ନେଇ ବିଜେପି ଶିବିରରେ ଆଲୋଚନା ଆରମ୍ଭ ହୋଇଛି।

## ଭିଜିଲାନ୍ସ ଜାଲରେ ଆଠଗଡ ବିଡିଓ



**ଭୁବନେଶ୍ୱର,୭।୮ (ମହାଭାରତ):** ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ଆଠଗଡ ବିଡିଓ ପ୍ରଦୀପ କୁମାର ସାହୁଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢାଉ କରୁଛି। ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ବିଡିଓଙ୍କ ୮ ଟି ସ୍ଥାନରେ ଭିଜିଲାନ୍ସ ରେଡ କରୁଛି। ଭୁବନେଶ୍ୱର ଗୌତମ ନଗର ଫ୍ଲାଟ , ଆଠଗଡ, ନୟାଗଡ, ଖୋର୍ଦ୍ଧାରେ ମଧ୍ୟ ଭିଜିଲାନ୍ସ ଚଢାଉ କରୁଛି। ଭିଜିଲାନ୍ସ ଚଢାଉରେ ଜଣେ ଇନ୍ସପେକ୍ଟର, ଡିଏସପି, ୧୦ ଜଣ ଏଏସଆଇ ଯାଞ୍ଚ କରୁଛନ୍ତି। ଚଢ଼ାଉ ବେଳେ ତାଙ୍କର ୨ଟି କୋଠା, ଗୋଟିଏ ଫ୍ଲାଟ, ୩ଟି ପ୍ଲଟ, ୪୭ ଲକ୍ଷରୁ ଅଧିକ ଟଙ୍କାର ବ୍ୟାଙ୍କ ଓ ବୀମା ଜମା ଠାବ କରାଯାଇଥିବା ବେଳେ ନଗଦ ୬ .୧୧ ଲକ୍ଷ ଟଙ୍କା ସହିତ ୩୦୦ ଗ୍ରାମର ସୁନା ଗହଣା ଏବଂ ୨ଟି ଚାରି ଚକିଆ ଗାଡ଼ି ଜବତ କରାଯାଇଛି। ୨ଟି କୋଠା ମଧ୍ୟରୁ ଖୋର୍ଦ୍ଧାରେ ଗୋଟିଏ ଥିବା ବେଳେ ଅନ୍ୟଟି ନୟାଗଡ଼ର ରାଜସୁନାଖଳାରେ ରହିଛି। ଭୁବନେଶ୍ୱରର ଗୌତମ ନଗରର ଶ୍ରୀ ଏନକ୍ଲେଭରେ ତାଙ୍କର ଗୋଟିଏ ଟୁ-ବିଏଚକେ ଫ୍ଲାଟ ରହିଛି।

## ୨୪ ଘଣ୍ଟାରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର,୭।୮ (ମହାଭାରତ):** ଗାଙ୍ଗେୟ ପଶ୍ଚିମବଙ୍ଗ ସଂଲଗ୍ନ ଝାଡ଼ଖଣ୍ଡ ଏବଂ ଉତର ଓଡ଼ିଶା ବାୟୁ ମଣ୍ଡଳ ଉପରି ଭାଗରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଆସନ୍ତା ୨୪ ଘଂଟା ଭିତରେ ଏହା ଲଘୁଚାପର ରୂପ ନେବ। ଏହାର ପ୍ରଭାବରେ ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ପ୍ରବଳ ରୁ ଅତି ପ୍ରବଳ ବର୍ଷା ନେଇ ୭ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରୀ କରାଯାଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, କୋରାପୁଟ ଓ ନବରଙ୍ଗପୁରକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏସବୁ ଜିଲ୍ଲାରେ ୭ ରୁ ୨୦ ସେମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା। ସେହିପରି ପ୍ରବଳ ବର୍ଷା ନେଇ ୧୬ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ମାଲକାନଗିରି, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଓ ସୋନପୁର ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ଆଲର୍ଟ ଜାରି ହୋଇଛି।

## ବାଲେଶ୍ୱରରେ ସ୍ୱତନ୍ତ୍ର ରେଳ ଡ଼ିଭିଜନ ପ୍ରତିଷ୍ଠା ଦାବି



**ଭୁବନେଶ୍ୱର,୭।୮ (ମହାଭାରତ):** ବାଲେଶ୍ୱରରେ ରେଳ ଡ଼ିଭିଜନ ପ୍ରତିଷ୍ଠା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଦାବି କରିଛନ୍ତି। ପ୍ରତାପ ଏନେଇ ଆଜି ରେଳମନ୍ତ୍ରୀଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ଉତ୍ତର ଭାଗ ମୌଳିକ ସୁବିଧା ଏବଂ ରେଳ ଭିତ୍ତିଭୂମି ବିକାଶରୁ ବଞ୍ଚିତ ହୋଇଛି। ତେଣୁ ବାଲେଶ୍ୱରରେ ଏକ ସ୍ୱତନ୍ତ୍ର ରେଳ ଡିଭିଜନ ପ୍ରତିଷ୍ଠା ହେଲେ ଏହି ଅଞ୍ଚଳର ରେଳ ଭିତ୍ତିଭୂମି ଆବଶ୍ୟକତା ସହିତ ଦୀର୍ଘ ଦିନର ବିଚାରାଧୀନ ବିକାଶ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ। ଏହା ସହିତ ରେଳ ବିଶ୍ୱବିଦ୍ୟାଳୟର ଏକ ଏକ୍ସଟେନସନ ସେଣ୍ଟର ବାଲେଶ୍ୱରରେ ସ୍ଥାପନା କରିବା ପାଇଁ ସେ ଦାବି କରିଛନ୍ତି। ଏହା ହେଲେ ପଶ୍ଚିମବଙ୍ଗ, ଝାଡଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶ ଭଳି ତିନୋଟି ସଂଲଗ୍ନ ରାଜ୍ୟର ବହୁ ଶିକ୍ଷିତ ଯୁବକ ଏହା ଦ୍ୱାରା ଉପକୃତ ହେବେ ବୋଲି ସେ କହିଛନ୍ତି।

## ସତ୍ୟଜିତ୍‌ର ଥିଲେ ୯୯ ପ୍ରେମିକା



**ଭୁବନେଶ୍ୱର,୭।୮ (ମହାଭାରତ):** ୫ ସ୍ତ୍ରୀଙ୍କ ସ୍ୱାମୀ ସତ୍ୟଜିତ୍ ସାମଲଙ୍କ ପ୍ରେମିକା ତାଲିକାରେ ୪୯ ନୁହେଁ ଥିଲେ ୯୯ ମହିଳା। ରିମାଣ୍ଡରେ ତାଙ୍କର ଗୁମର ଖୋଲିବାରେ ଲାଗିଛି। ସତ୍ୟଜିତଙ୍କ ମୋବାଇଲ ଯାଞ୍ଚ ପରେ ଏକାଧିକ ମହିଳାଙ୍କ ଅଶ୍ଳୀଳ ଫଟୋ ଭିଡିଓ ଥିବା ଜଣାପଡିଛି। ଏମିତିକି ସେ କେତେକ ମହିଳାଙ୍କ ଭଡିଓ ସୁଟ୍ କରିଛନ୍ତି। ଏକ ଭଡିଓ ଭର୍ତ୍ତି ପେନଡ୍ରାଇଭ ମଧ୍ୟ ପୋଲିସ ଜବତ କରିଛି। ସେହିପରି ଫେକ୍ ପୋଲିସ ଆଇଡି ସହ ପାସପୋର୍ଟ ଜବତ ହୋଇଛି। ୬ଟି ଭାଷାରେ କଥା ହୋଇ ପାରୁଥିଲେ ସତ୍ୟଜିତ। ଡିପ୍ଲୋମା, ବିବିଏ,ହସ୍ପିଟାଲିଟି ମ୍ୟାନେଜର, କିଙ୍ଗଫିସର ଏୟାରଲାଇନ୍ସରେ କାମ କରିବା ସହ ମହିଳାଙ୍କୁ ଠକିବାରେ ସେ ମାହିର ଥିଲେ। ରିମାଣ୍ଡ ବେଳେ ସବୁ କଳାକାରନାମା ରହସ୍ୟ ଖୋଲିଛି ପୋଲିସ। ଆଜି ମଜନୁ ସତ୍ୟଜିତର ରିମାଣ୍ଡ ଅବଧି ଶେଷ ହୋଇଛି। ଏବେ ସେ ଜେଲ ଯିବେ। ଆବଶ୍ୟକ ପଡିଲେ ପୋଲିସ ପୁଣି ତାଙ୍କୁ ରିମାଣ୍ଡରେ ଆଣିବ। ରାଜଧାନୀରେ ୫ ସ୍ତ୍ରୀଙ୍କ ସ୍ୱାମୀ ସତ୍ୟଜିତ ସାମଲ ଶନିବାର ବନ୍ଧାହୋଇଥିଲେ। ତାଙ୍କର ଆହୁରି ୪୯ ଜଣ ପ୍ରେମିକା ଥିଲେ। ଏହି ଘଟଣାର ପୋଲିସ କମିଶନର ସଞ୍ଜୀବ ପଣ୍ଡା ପ୍ରେସମିଟ କରି ପର୍ଦ୍ଦାଫାସ କରିଥିଲେ। ସତ୍ୟଜିତଙ୍କ ଘର ଯାଜପୁର ବିଞ୍ଝାରପୁରରେ। ସତ୍ୟଜିତ ନିଜକୁ ଗୁଇନ୍ଦା ଇନ୍ସପେକ୍ଟର କହି ବାୟୋଡାଟାରେ ଦର୍ଶାଇ ମହିଳାଙ୍କୁ ଠକୁଥିଲେ। ଅନ୍ୟପକ୍ଷେ ମହିଳା ପୋଲିସଙ୍କ ଚାଟିଂ କରି ଦୁବାଇରୁ ଭୁବନେଶ୍ୱର ଫେରିଥିଲେ।

## ହଟିଲା ୫-ଟି ଚାର୍ଟର ଓ ମୋ ସରକାର




**ଭୁବନେଶ୍ୱର,୭।୮ (ମହାଭାରତ):** ସରକାରୀ କର୍ମଚାରୀଙ୍କ ଉପରୁ ହଟିଲା ୫-ଟି ଚାର୍ଟର ଓ ମୋ ସରକାର। ଏନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ୫-ଟି ଚାର୍ଟର ଓ 'ମୋ ସରକାର' ହଟାଇବାକୁ ଜିଏ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। କ, ଖ ଏବଂ ଗ ବର୍ଗର ସରକାରୀ କର୍ମଚାରୀଙ୍କ ସିସିଆର୍‌ରୁ ଏହା ହଟାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ଏହାର କୌଣସି ଆବଶ୍ୟକତା ନଥିବା ଦର୍ଶାଇ ଏହାକୁ ହଟାଯାଇଛି। ୨୦୧୯-୨୦ ପୂର୍ବରୁ ପ୍ରଚଳିତ ଫର୍ମାଟକୁ ପୁଣି ଥରେ ପ୍ରଚଳନ ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

୨୦୧୯ରେ ଚିଠି ତତ୍କାଳୀନ ବିଜେଡି ସରକାର ଏକ ନିର୍ଦ୍ଦେଶନାମା ଜାରି କରି କର୍ମଚାରୀଙ୍କ ଗୁପ୍ତ ଚରିତ୍ର ପଞ୍ଜିକାରେ ୫-ଟି ଚାର୍ଟର ବାଧ୍ୟତାମୂଳକ ବୋଲି କହିଥିଲେ। ରାଜ୍ୟର ସମସ୍ତ କର୍ମଚାରୀଙ୍କ ପାଇଁ ଏହା ଲାଗୁ ହୋଇଥିଲା। ସେମାନଙ୍କ ବାର୍ଷିକ ପ୍ରଦର୍ଶନ ମୂଲ୍ୟାଙ୍କନ ରିପୋର୍ଟରେ ଏହି ଦିଗ ପ୍ରତିଫଳିତ କରିବାକୁ ନିଷ୍ପତ୍ତି ହୋଇଥିଲା। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇ ସରକାରୀ କର୍ମଚାରୀଙ୍କ ଉପରୁ ୫-ଟି ଟାର୍ଟର ହଟାଇ ଦିଆଯାଇଛି। ଏହା ସହ ହଟିଛି ମୋ ସରକାର। ବିଜ୍ଞପ୍ତିରେ କୁହାଯାଇଛି, ରାଜ୍ୟ ସରକାର ହୃଦୟଙ୍ଗମ କରିଛନ୍ତି ବର୍ତ୍ତମାନ ପରିପ୍ରେକ୍ଷୀରେ '୫-ଟି ଚାର୍ଟର' ଓ 'ମୋ ସରକାର' ମୂଲ୍ୟାଙ୍କନର କୌଣସି ଆବଶ୍ୟକତା ନାହିଁ। ବର୍ତ୍ତମାନ ପୂର୍ବ ପ୍ରଚଳିତ ଫର୍ମାଟ ଅନୁସାରେ, କର୍ମଚାରୀଙ୍କ ପରଫରମାନ୍ସ ରିପୋର୍ଟ ଶହେ ମାର୍କ ଆଧାରରେ ଆକଳନ ହେବ। ୫-ଟି ଚାର୍ଟରର ୨୦ ମାର୍କ ରହିବ ନାହିଁ। ନୂଆ ସରକାରଙ୍କ ନୂଆ ନିଷ୍ପତ୍ତିକୁ ସ୍ୱାଗତ କରିଛି କର୍ମଚାରୀ ସଂଘ।


## ମନୋରଞ୍ଜନ କାର୍ଯ୍ୟକଳାପରେ ନିୟୋଜିତ ଶିଶୁଙ୍କ ପାଇଁ ନୂଆ ନିୟମ ଲାଗୁ

**ଭୁବନେଶ୍ୱର,୭।୮ (ମହାଭାରତ):** ମନୋରଞ୍ଜନ ଶିଳ୍ପ ତଥା ବାଣିଜ୍ୟିକ ମନୋରଞ୍ଜନ କାର୍ଯ୍ୟକଳାପରେ ନିୟୋଜିତ ଶିଶୁଙ୍କ ପାଇଁ ନୂଆ ନିୟମ ଲାଗୁ। ବିଶେଷ କରି ଟେଲିଭିଜନ, ସିନେମା, ଯାତ୍ରା, ଲାଇଭ ପ୍ରେକ୍ଷାଳୟରେ ଶିଶୁ କଳାକାରଙ୍କ ଶୋଷଣ ଉପରେ ଲାଗିଲା ରୋକ୍। ଶିଶୁ ଏବଂ କିଶୋର କିଶୋରୀମାନଙ୍କୁ ଆକର୍ଷିତ କରିବାର ଘଟଣା ଘଟୁଥିବା ଦର୍ଶାଇ ନୂଆ ନିୟମ ଲାଗୁ କଲା ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗ। ଏନେଇ ଏକ ଗାଇଡ଼ଲାଇନ ଜାରି କରିବା ସହ ଜିଲ୍ଲା ମାଜିଷ୍ଟ୍ରେଟ ଓ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ପ୍ରଦାନ କରିଛନ୍ତି ଆୟୋଗର ଅଧ୍ୟକ୍ଷ ମନ୍ଦାକିନୀ କର।

ନୂଆ ଅଧିନିୟମ ଏବଂ ନିୟମ ଅନୁଯାୟୀ ଏଣିକି ମନୋରଞ୍ଜନ ପାଇଁ ଶିଶୁଙ୍କ ବ୍ୟବହାର ଉପରେ ଲାଗିବ ରୋକ୍। ଶିଶୁ ଏବଂ କିଶୋର ଶ୍ରମ ଅଧିନିୟମ (ନିଷେଧାଦେଶ ଏବଂ ନିୟମାବଳୀ) ଅନୁଯାୟୀ ଶିଶୁମାନଙ୍କୁ ଯୌନ ଅପରାଧରୁ ରକ୍ଷା ତଥା ସେମାନଙ୍କ ସୁରକ୍ଷା ନିରାପତ୍ତା ଓ ଶିକ୍ଷାକୁ ଗୁରୁତ୍ୱ ଦେଇଛନ୍ତି। ନିୟମ ଅନୁଯାୟୀ ଯେକୌଣସି ଟିଭି ତଥା ଚଳଚ୍ଚିତ୍ର ନିର୍ମାତା ବା ଯାତ୍ରା ପାର୍ଟିର ମାଲିକ ଆବଶ୍ୟକ କରୁଥିବା ଶିଶୁ କଳାକାରଙ୍କ ପାଇଁ ପ୍ରଥମେ ସେହି ଜିଲ୍ଲା ମାଜିଷ୍ଟ୍ରେଟଙ୍କଠାରୁ ଅନୁମତି ନେବା ଆବଶ୍ୟକ ଯେଉଁଠାରେ ସେମାନେ ନିଶ୍ଚିତ ଭାବରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଫର୍ମ ସି (ଶିଶୁ ଶ୍ରମ (ନିଷେଧ ଏବଂ ନିୟମାବଳୀ) ସଂଶୋଧନ ନିୟମ, ୨୦୧୭ ଅନୁଯାୟୀ, ଶିଶୁ ଅଂଶଗ୍ରହଣକାରୀଙ୍କ ତାଲିକା, ପିତାମାତା କିମ୍ବା ଅଭିଭାବକଙ୍କ ସମ୍ମତି ଏବଂ ଶିଶୁର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ନାମ ପ୍ରଦାନ କରିବା ଆବଶ୍ୟକ। ଏହା ସହ ସୁରକ୍ଷା ଏବଂ ନିରାପତ୍ତା (ଶିଶୁ ଏବଂ କିଶୋର ଶ୍ରମ ଆଇନର ଧାରା ୧୭ଏ, ୧୯୮୬) ଏବଂ ଶିଶୁ ଏବଂ କିଶୋର ଶ୍ରମ ନିୟମର ନିୟମ ୨ସି, ୨୦୧୭) ଫର୍ମ ଦେବା ଜରୁରୀୟ ଲାଇଭ୍ ସୋ ପାଇଁ, ନିଶ୍ଚିତ ଭାବରେ ଏକ ଘୋଷଣା ହେବା ଆବଶ୍ୟକ ଯେ ପ୍ରଦର୍ଶନ କିମ୍ବା ସୁଟିଂ ସମୟରେ କୌଣସି ଶିଶୁର ଅତ୍ୟାଚାର, ଅବହେଳା କିମ୍ବା ଶୋଷଣ ନହେବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି। ଚଳଚ୍ଚିତ୍ର ଆରମ୍ଭରେ, ଟିଭି ସିରିଏଲର ପ୍ରତ୍ୟେକ ଏପିସୋଡ୍, ରିଆଲିଟି ସୋ କିମ୍ବା ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ବିଷୟବସ୍ତୁ ପ୍ରଦର୍ଶିତ ହେବା ଉଚିତ୍। ଜିଲ୍ଲା ମାଜିଷ୍ଟ୍ରେଟ୍ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ) କୁ କର୍ମକ୍ଷେତ୍ର ଯାଞ୍ଚ ଏବଂ ନିର୍ମାତା, ଯାତ୍ରୀ ପାର୍ଟୀ କିମ୍ବା ଥିଏଟରକୁ ଅନୁମତି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି।







# ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା।

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



## ଖବର

# ଖୁବ୍ ଶୀଘ୍ର ବଡ଼ ପରଦାରେ ନୂଆ ଓଡ଼ିଆ ଫିଲ୍ମ ଶିମଲୀ

ବଡ଼ ପରଦାରେ ନିଚ୍ଛକ ଓ ବାସ୍ତବବାଦ କାହାଣୀ ଦେଖିବାକୁ ଏବେ ସମସ୍ତ ଦର୍ଶକଙ୍କର ଇଚ୍ଛା ରହିଛି। କେବଳ ବଲିଉଡ୍ ବା ଟଲିଉଡ ନୁହଁ ଓଲିଉଡରେ ମଧ ଏହାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୋଟିଏ ସମୟରେ ଓଡ଼ିଆ ଫିଲ୍ମକୁ ଲୋକେ କାହାଣୀ ପାଇଁ ନାପସନ୍ଦ କରୁଥିଲେ । ଗୋଟିଏ ପ୍ରକାରର କାହାଣୀ ଦେଖି ଦର୍ଶକେ ବୋର୍ ହେଉଥିଲେ। କିନ୍ତୁ ଏବେ ପୁଣି ଥରେ ଲୋକେ ଓଡ଼ିଆ ଫିଲ୍ମ ଦେଖିବାକୁ ରୁଚି ରଖୁଛନ୍ତି ଯାହା ଫଳରେ ଥିଏଟର ମୁହାଁ ହେଇଛନ୍ତି ଦର୍ଶକ। ବିଗତ ଦିନରେ ଅନେକ ଗୁଡ଼ିଏ ସୁନ୍ଦର ଚଳଚ୍ଚିତ୍ର ମୁକ୍ତିଲାଭ କରିଛି।ଦର୍ଶକଙ୍କର ଇଚ୍ଛା ଓ ରୁଚିକୁ ପରଖି ଯଙ୍ଗ ଓ ଡାଇନାମିକ ନିର୍ଦ୍ଦେଶକ ବା ପ୍ରଯୋଜକ ନିଚ୍ଛକ କାହାଣୀ ବା ୟୁନିକ କନସେପ୍ଟ ଥିବା ଫିଲ୍ମକୁ ଗୁରୁ ଦେଉଛନ୍ତି।ଏହି ଧାରାରେ ଖୁବଶିଘ୍ର ଏକ ଭିଉ ଓ ଶିମିଳିପାଳ ଜଙ୍ଗଲରେ ନିତିଦିନ ଘଟୁଥିବା ଘଟଣାକୁ ନେଇ କାହାଣୀ ଆଖ୍ୟା ଦେଇ ବଡ଼ ପରଦାରେ ଭେଟିଦେବାକୁ ଯାଉଛନ୍ତି ପ୍ରଯୋଜିକା ସ୍ମିତା ରାଉତ। ଫିଲ୍ମରେ ଅନେକ ଷ୍ଟାର କାଷ୍ଟ ସାମିଲ ରହିବା ସହିତ ଫିଲ୍ମରେ ନିର୍ଦ୍ଦେଶନା ଦେଇଛନ୍ତି ସଂପାଦନାରୁ କ୍ୟାରିୟର ଆରମ୍ଭ କରିଥିବା ବହୁ ଅଭିଜ୍ଞ ଯୁବ ଏଡିଟର ତଥା ନିର୍ଦ୍ଦେଶକ ସୁକୁମାର ମଣି। ଆକ୍ସନ ସିନ୍ ର ଦାୟିତ୍ୱ




ନେଇଛନ୍ତି ଲୋକପ୍ରିୟ ଫାଇଟ୍ ମାଷ୍ଟର ଯୁଡୋ ରାମୁ।ଫିଲ୍ମରେ ସଙ୍ଗୀତଭାର ସମ୍ଭାଳିଛନ୍ତି ବାଚୁ ମୁଖାର୍ଜୀ, ବିଷ୍ଣୁ ମୋହନ କବି ଓ ଏସ.ବିସ୍ମୃତି। ଲୋକପ୍ରିୟ ସିଙ୍ଗର ସୁବାସ ଦାସ, ଇରା ମହାନ୍ତି, ମଣ୍ଟୁ ଛୁରିଆ, କୁଳଦୀପ ପଟ୍ଟନାୟକ, ଅର୍ପିତା ଚୌଧୁରୀ ଓ ଦିପ୍ତୀରେଖା ପାଢ଼ୀ କଣ୍ଠଦାନ କରିଥିବା ବେଳେ ଗୀତ ରଚନା କରିଛନ୍ତି ଶିଷାନନ୍ଦ ଦାସ କାନୁନଗୋ ଓ ଡଃ ନିର୍ମଳ ନାୟକ । ଫିଲ୍ମର ନୃତ୍ୟ ନିର୍ଦ୍ଦେଶନା ଅମିତ ନାୟକ, ସୁଶାନ୍ତ ମଣି ଓ ମଣ୍ଟୁ ଜେନା ନେଇଥିବା ବେଳେ କଳା ନିର୍ଦ୍ଦେଶକ ଅଛନ୍ତି ଗଣେଶ ଦାସ । ମେକ ଅପ୍ ଦେଇଛନ୍ତି ସମରେଶ ପାଲ ଓ ପୋଷାକ ଡିଜାଇନ କରିଛନ୍ତି ସନ୍ତୋଷ । ଡିଓପିରେ ଅଛନ୍ତି ଧୃବାନନ୍ଦ ପଣ୍ଡା ।ଜଙ୍ଗଲ ନଷ୍ଟ କରିବା ସହ ପଶୁଙ୍କୁ ଧନ ସମ୍ପତି ପାଇଁ ମାରିବା ଏବେ ଜଙ୍ଗଲ ମାଫିଆଙ୍କ ମୁଖ୍ୟ କାମ। ଏଥି ପାଇଁ ସରକାରଙ୍କ ତରଫରୁ ନିୟମ ଥିଲେ ମଧ ତାହା ଠିକ୍ ଭାବରେ ପାଳନ ହେଉନାହିଁ ଯାହା ଫଳରେ ଏହା ହୋଇଛି ଆନ୍ତର୍ଜାତୀୟ ସ୍ତରରେ କଳା ବେପାର। ତେବେ ଏହାକୁ ରୋକିବ କିଏ ? ଏହି କାହାଣୀକୁ ଫିଲ୍ମରେ ନିଖୁଣ ଭାବରେ ଦର୍ଶାଯାଇଛି ଯାହା ଜାଣିବା ପାଇଁ ଆମକୁ ଦେଖିବାକୁ ପଡ଼ିବ ଏହି ଫିଲ୍ମ 'ଶିମଲୀ'। ଫିଲ୍ମର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ସଂଯୁକ୍ତା ମହାନ୍ତି ଓ ଶୁଭେନ୍ଦୁ କୁମାର ପଣ୍ଡା ଏବଂ ସହ ପ୍ରଯୋଜକ ଅଛନ୍ତି ପରେଶ ଚନ୍ଦ୍ର ମହାନ୍ତ। ପ୍ରଯୋଜିକା ସ୍ମିତା ରାଉତ ଏହି ଫିଲ୍ମର କାହାଣୀ ଲେଖିଛନ୍ତି ଓ ସଂଳାପ ଲେଖିଛନ୍ତି ଭାବ ବିନୋଦ ମହାପାତ୍ର ଯ ଏଥିରେ ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି କ୍ରିଏଟିଭ ହେଡ୍ (ମାର୍କେଟିଙ୍ଗ୍ ଓ ପିଆର୍) ପ୍ରଣୟ ଜେନା। ପ୍ରଥମେ ପ୍ରଯୋଜନା ସଂସ୍ଥା ଚଳଚ୍ଚିତ୍ରର ନାମ ଘୋଷଣା କରିଥିବା ବେଳେ ଏହାର ବିଭିନ୍ନ ଭୂମିକାରେ ଥିବା କଳାକାରମାନଙ୍କ ନାମ ଅତି ଶିଘ୍ର ଘୋଷଣା କରାଯିବ ବୋଲି କହିଛି ପ୍ରଯୋଜନା ସଂସ୍ଥା ।

# ଗଣେଶଙ୍କ ପୂଜାରେ କାହିଁ ଲଗାନ୍ତିନି ତୁଳସୀ

ରାମ-ସୀତା, ରାଧା-କୃଷ୍ଣ, ଶିବ-ପାର୍ବତୀ ଆଦି ଯୁଗଳ ନାମ ପରି ଅବଶ୍ୟ କେବେ ଦେଖିବାକୁ ମିଳିନାହିଁ ଗଣେଶ ଓ ତୁଳସୀଙ୍କ ନାମ। ମାତ୍ର ଗଣେଶଙ୍କୁ ତୁଳସୀ ଯେ ଏକତରଫା ଭାବେ ଭଲପାଇ ବସିଥିଲେ ତାହା ହୁଏତ ଆପଣ ଜାଣିଥିବେ। ଆଜି ଆମେ ଆଲୋଚନା କରିବା ସେହି ଅଭୁଲା ଏକତରଫା ପ୍ରେମ କାହାଣୀ ସଂପର୍କରେ। ଧର୍ମରାଜଙ୍କ ଝିଅ ତୁଳସୀ ବିଷ୍ଣୁଙ୍କର ପରମ ଭକ୍ତ ଥିଲେ। ସେ ଗଙ୍ଗାନଦୀ କୂଳରେ ଏକ ଗୃହରେ ରହି ବିଷ୍ଣୁଙ୍କ ପୂଜା କରୁଥିଲେ। ଦିନେ ଶିବଙ୍କ ପୁତ୍ର ଗଣେଶ ସେଇ ବାଟ ଦେଇ ଅତିକ୍ରମ କଲେ। ଗଣେଶଙ୍କୁ ଦେଖି ତୁଳସୀ ତାଙ୍କୁ ପ୍ରେମ କରି ବସିଲେ। ସେ ଗଣେଶଙ୍କୁ ଯାଇ ପ୍ରେମ ନିବେଦନ କରିବା ସହ ତାଙ୍କୁ ବିବାହ କରିବାକୁ ଚାହାନ୍ତି ବୋଲି କହିଲେ। ମାତ୍ର ଗଣେଷ ବିନମ୍ରର ସହ ତୁଳସୀଙ୍କ ପ୍ରସ୍ତାବକୁ ପତ୍ୟାଖ୍ୟାନ କରି ସେ ତାଙ୍କ ମାଆ ପାର୍ବତୀଙ୍କ ପରି ଜୀବନସାଥୀ ଚାହାନ୍ତି ବୋଲି କହିଲେ। ଗଣେଶଙ୍କର ଏପରି ସିଧାସଳଖ ପ୍ରାତ୍ୟାଖ୍ୟାନ ଟିକେ ତୁଳସୀଙ୍କୁ ଲଜ୍ଜିତ କଲା। ସେ ଗଣେଶଙ୍କୁ ଏକ ଅଭିଶାପ ଦେଲେ। କହିଲେ ଯେ ତୁମେ ତୁମ ଇଚ୍ଛା ବିରୋଧରେ ବିବାହ କରିବ। ଗଣେଶ ତୁଳସୀଙ୍କ ଅଭିଶାପ ଶୁଣି କ୍ଷୁବ୍ଧ ହୋଇଗଲେ। ସେ ତାଙ୍କୁ ଓଲଟା ଅଭିଶାପ ଦେଇ କହିଲେ, ତୁମେ ଜଣେ ଅସୁରକୁ ବିବାହ କରିବ। ତୁଳସୀ ଗଣେଶଙ୍କୁ ନିଜ ଅଭିଶାପ ପାଇଁ କ୍ଷମା ମାଗିବା ସହ ତାଙ୍କ ଅଭିଶାପ ଫେରାଇ ନେବାକୁ ପ୍ରାର୍ଥନା କଲେ। ଗଣେଶ କହିଲେ ଯେ କେବଳ ବିଷ୍ଣୁ ଚାହିଁଲେ ତୁମକୁ ଏହି ଅଭିଶାପରୁ ମୁକ୍ତ କରିପାରିବେ। ତୁମେ ତାଙ୍କ ପୂଜାରେ ଲାଗିବ, ଏକ ଗଛ ହୋଇ। ମାତ୍ର ମୋ ପୂଜାରେ ତୁମେ କେବେ ବି ଲାଗିବ ନାହିଁ। ସେବେଠାରୁ ତୁଳସୀ ଅନ୍ୟ ସମସ୍ତ ଠାକୁରଙ୍କ ଦେହରେ ଲାଗି ହେଉଥିବା ବେଳେ ଗଣେଶଙ୍କ ପାଖେ ହୋଇନଥାଏ।

# କୋମଳ ଓ ଗୋଲାପି ଓଠ ପାଇଁ....

ଅନେକ ସମୟରେ ବହୁ ଲୋକଙ୍କ ଓଠ ଶୁଷ୍କ ହୋଇଥାଏ। ଏହାସହ ଓଠରେ ଏକ କଳା ରଙ୍ଗର ଆସ୍ତରଣ ରହିବା ଭଳି ମଧ ଅନୁଭବ ହୋଇଥାଏ। ଆପଣ ଯଦି ଏହି ସମସ୍ୟା ପାଇଁ ଚିନ୍ତିତ ତେବେ ଆପଣାନ୍ତୁ ଏହି ଘରୋଇ ଉପାୟ ବିଷୟରେ

■ ଅଧ ଚାମଚ କଫି ଗୁଣ୍ଡରେ ଅଳ୍ପ କିଛି ସର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଓଠରେ ଲଗାଇ ୨ ରୁ ୩ ମିନିଟ ରଖନ୍ତୁ। ଏହାପରେ ହାତ ଆଙ୍ଗୁଠି ଟିପରେ ଧିରେ ଧିରେ ଏହାକୁ କାଢି ଦିଅନ୍ତୁ।

■ ଏହାପରେ ମୁହଁ ଓ ଓଠକୁ ସାଧାରଣ ପାଣିରେ ଧୋଇ ଦିଅନ୍ତୁ। ପରେ ଓଠରେ



ଆପଣ ନିୟମିତ ବ୍ୟବହାର କରୁଥିବା ଲିପବାମ୍ ଲଗାନ୍ତୁ। ଏଭଳି କରିବା ଦ୍ୱାରା ୫ ରୁ ୭ ମିନିଟ ମଧରେ ଶୁଷ୍କପଣ ଦୂର ସହ ଓଠର ରଙ୍ଗକୁ ଗୋଲାପି କରିଥାଏ। ସପ୍ତାହକୁ ୩ ରୁ ୪ଥର ଏହି ଉପାୟ କରନ୍ତୁ।

■ ଆପଣ ମଧ ଯଦି ନିଜ ଓଠ ରଙ୍ଗକୁ ପ୍ରାକୃତିକ ଉପାୟରେ ଗୋଲାପି କରିବାକୁ ଚାହୁଁଛନ୍ତି ଜାଣନ୍ତୁ ଏହି ଘରୋଇ ଉପାୟ ବିଷୟରେ


ଆବଶ୍ୟକ ସାମଗ୍ରୀ: ବିଟ, ବାଦାମ ତେଲ

ପ୍ରଥମେ ବିଟକୁ ଭଲ ଭାବେ ଧୋଇ ଏହାର ଚୋପାକୁ ବାହାର କରି , ଏହାକୁ କୋରି ଦିଅନ୍ତୁ। କୋରା ହୋଇଥିବା ବିଟକୁ ଶୁଖାଇ ଦିଅନ୍ତୁ। ଭଲ ଭାବେ ଏହାକୁ ଶୁଖାଇବା ପରେ ଏହାକୁ ପେଷି ପାଲିସ ଭାବେ ଗୁଣ୍ଡ କରି ଦିଅନ୍ତୁ। ୨ଚାମଚ ବିଟ ଗୁଣ୍ଡରେ ୨ ଚାମଚ ବାଦାମ ତେଲକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣ ବା ପ୍ରସ୍ତୁତ ଲିପ ବାମକୁ ଛୋଟ କାଚ ବୋତଲରେ ଭର୍ତ୍ତି କରି ଫ୍ରିଜରେ ରଖନ୍ତୁ। ନିୟମିତ ଦିନ ସମୟରେ ୨ରୁ ୩ ଥର ଓ ରାତିରେ ଥରେ ଏହାକୁ ଲଗାଇ ଶୁଅନ୍ତୁ। ଏକ ମାସ ଲଗାଇବା ପରେ ଏହାର ଚମତ୍କାରିତା ଅନୁଭବ କରିପାରିବେ।

# ଫ୍ୟାଶନରେ ପିଙ୍କ୍ ଆଇ ଲାଇନର୍



କୁହାଯାଏ ହୃଦୟକୁ ପହଞ୍ଚିବାର ମାଧ୍ୟମ ହେଉଛି ଆଖି। ଏଣୁ ମେକ୍ଅପ ଦୁନିଆରେ ଆଖିକୁ ବା ଆଇ ମେକ୍ଅପକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଠିକ୍ ଭାବେ କରାଯାଇଥିବା ଆଇ ମେକ୍ଅପ୍ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ବଦଳାଇଦେଇ ପାରେ। ଯଦି ଆପଣ ମଧ ଆଖିକୁ ସଜେଇବାକୁ ଭଲ ପାଆନ୍ତି ଆଉ ନିଜ ମେକ୍ଅପରେ କିଛି ଡ୍ରାମା ଭରିଦେବାକୁ ଚାହାନ୍ତି, ଏଇ ଆର୍ଟିକଲଟି ଆପଣଙ୍କ କାମରେ ଲାଗିପାରେ। ଯେପରି କି ମେକ୍ଅପ ପ୍ରେମୀମାନେ ଜାଣନ୍ତି ଯେ, ଠିକ୍ ଆଇ ମେକ୍ଅପ୍ ଆପଣଙ୍କ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ। କିନ୍ତୁ ଯେତେବେଳ ଡେଲି ମେକ୍ଅପ କଥା ଆସେ, ଆମେ ସେହି ରେଡ୍ ସେଡ୍ ଲିପଷ୍ଟିକ୍, ବ୍ଲାକ୍ ଲାଇନର୍, କାଜଲ୍, ଓ ମସ୍କାରା ଲଗାଇ ନିଅନ୍ତି। ଯଦି ଆପଣ ବି ଏଭଳି ନିତି ଦିନିଆ ମେକ୍ଅପରେ ବୋର୍ ହୋଇଗଲେଣି ତେବେ ଆଜି ପ୍ରସ୍ତୁତ ହୋଇଯାନ୍ତୁ ନିଜ ଆଖିରେ କିଛି ରଙ୍ଗ ମିଶାଇବାକୁ। ଲାଇଟ୍ ପିଙ୍କ୍ ବା ଡାର୍କ ପିଙ୍କ୍ ଆଏଲାଇନର୍ ସହ ନିଜ ମେକ୍ଅପ ଏକ୍ସପେରିମେଣ୍ଟ କରନ୍ତୁ। କେବଳ ବ୍ଲାକ୍ କାହିଁକି ବିଭିନ୍ନ କଲର୍ ସହ ଆପଣ ନିଜର ଆଇ ମେକ୍ଅପ୍ ଏକ୍ସପେରିମେଣ୍ଟ କରି ପାରିବେ। ହେଲେ ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ଚାଲିଛି ପିଙ୍କ୍ ସେଡ। ବ୍ଲାକ୍ ଡ୍ରାମା ଆଇ ଲାଇନର ସହ ପିଙ୍କ୍ ଲାଇନର୍ ମିଶାଇ ନିଜ ଆଇ ମେକ୍ଅପରେ ଟିକେ ଅଧିକା ଡ୍ରାମା ଭରିଦେଇପାରିବେ। ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଏଭଳି ଆଇ ମେକ୍ଅପ ଆଣଙ୍କୁ ଏକ ଗ୍ଲାମର୍ସ ଲୁକ୍ ଦେଇପାରିବ। ଟ୍ରାଏ କରନ୍ତୁ । ଚଳିତବର୍ଷ ପିଙ୍କ ସେଡ୍ ଆଏଲାଇନର୍ ଫ୍ୟାଶନରେ ଟ୍ରେଣ୍ଡ ହେଉଛି। ଆପଣ ନିଜ ତ୍ୱଚାର ସେଡ୍ ଅନୁସାରେ ପିଙ୍କ୍ ଆଇ ଲାଇନର୍ ସେଡ୍ ଚୟନ କରିପାରିବେ। ତେବେ ଫ୍ୟାଶନ୍ ଟ୍ରେଣ୍ଡରେ ଚାଲିଥିବାରୁ ଭିନ୍ନ ଭିନ୍ନ ବ୍ରାଣ୍ଡର ପିଙ୍କ୍ ଆଇ ଲାଇନର୍ ଅନଲାଇନ୍ ଓ ଅଫଲାଇନ୍ ମାର୍କେଟରେ ଆପଣ ପାଇପାରିବେ। ଯଦି ଆପଣଙ୍କୁ ଡାର୍କ ପିଙ୍କ୍ ସେଡ୍ ପସନ୍ଦ କିନ୍ତୁ ଆପଣ ଡବଲ କୋଟ୍ କରିବାକୁ ଚାହାନ୍ତି ନାହିଁ। ତା'ହେଲେ ସିଙ୍ଗଲ୍ କୋଟ୍ କରି ବ୍ଲୁ ସେଡ୍ କିମ୍ବା ବ୍ଲାକ୍ ସେଡ୍ ଜେଲ୍ ଆଇ ଲାଇନର୍ ସହ ମିଶାଇ ଆପଣ ନିଜ ଆଖିକୁ ଆକର୍ଷଣୀୟ ଲୁକ୍ ଦେଇପାରିବେୟ ପିଙ୍କ୍ ଏକ ସଫ୍ଟ କଲର୍ ହୋଇଥିବାରୁ ସମସ୍ତଙ୍କୁ ଭଲ ଲାଗିଥାଏ। ଏଣୁ ପିଙ୍କ୍ ଆଇ ଲାଇନର୍ ବ୍ୟବହାର କଲେ ଆପଣ ଗ୍ଲିଟରି ଆଏ ସେଡୋ ବ୍ୟବହାର କରିପାରିବେ କିମ୍ବା ନ୍ୟୁଡ୍ ସେଡ୍ ଆଏ ସେଡୋ ଲଗାଇ ଟିକେ ହାଇଲାଇଟର୍ ମିଶାଇଦେଲେ ଆପଣଙ୍କ ଲୁକ୍ ଟିକେ ହଟକେ ଦେଖାଯିବ। ତେବେ ଧ୍ୟାନ ରଖିବେ, ଏଭଳି ଆଇ ମେକ୍ଅପ କରୁଥିଲେ, ସବୁବେଳେ କନଟ୍ରାଷ୍ଟ କଲର୍ ଲିପଷ୍ଟିକ୍ ହିଁ ମାନିଥାଏ।



# ଗ୍ୟାସ ସଂରକ୍ଷଣ କରିବାର ଉପାୟ

■ ଗ୍ୟାସ ଲିକ

ଗ୍ୟାସ ପାଇପ ସବୁବେଳେ ଯାଞ୍ଚ କରନ୍ତୁ। ରୋଷେଇ ଆରମ୍ଭ ହେବା ପୂର୍ବରୁ ଏବଂ ରୋଷେଇ ସରିବା ପରେ ଥରେ ନିହାତି ଭାବେ ଚେକ କରି ନିଅନ୍ତୁ।



ଏଥିରୁ ଆପଣ ଜାଣିପାରିବେ , ଆପଣଙ୍କ ଗ୍ୟାସ ଲିକ ଅଛି କି ନାହିଁ। ଏହା ଏଲପିଜି ଗ୍ୟାସ ସଂରକ୍ଷଣର ସବୁଠାରୁ ଭଲ ଉପାୟ।

■ ପ୍ୟାନକୁ ଶୁଖାଇ ଗ୍ୟାସରେ ବସାନ୍ତୁ

ଏହା ଏକ ସରଳ ଓ ସୁବିଧା ଉପାୟ, ଯେଉଁଥିରେ ଆପଣ ବିନା ପରିଶ୍ରମରେ ରୋଷେଇ ଗ୍ୟାସକୁ ବଞ୍ଚାଇ ପାରିବେ । ଏଠାରେ ଆପଣ ଏଲପିଜି ଗ୍ୟାସର ବ୍ୟବହାର ବାସନ ଶୁଖାଇବା ପାଇଁ କରନ୍ତୁ ନାହିଁ । ବାସନ ଶୁଖାଇବା ପାଇଁ ରୋଷେଇ ଘର ଟାୱେଲ ବ୍ୟବହାର କରନ୍ତୁ ।

■ ଓଭରକୁକିଂ

ଏହା ଅଯଥା ଏଲପିଜି ଖର୍ଚ୍ଚ ହେବାର ସବୁଠାରୁ ବଡ଼ କାରଣ । ତେଣୁ ଯଦି ଆପଣ ଖାଦ୍ୟ ରାନ୍ଧୁଛନ୍ତି, ତା'ହେଲେ ରାନ୍ଧିବା ସମୟ ଉପରେ ନଜର ରଖନ୍ତୁ। ସବୁ ପରିବା ଅତି ସିଝିବା ଜରୁରୀ କି ନୁହେଁ, ତାହା ଦେଖନ୍ତୁ। ଭୋଜନରେ ସାଲାଡ଼,ଦହି ଆଦି ସାମିଲ କରନ୍ତୁ। କାରଣ, ଏଗୁଡ଼ିକୁ ସିଝାଇବାକୁ ପଡ଼ି ନଥାଏ। ସେହିପରି ଛୋଟ ଛୋଟ ସବଜିକୁ ଆପଣ ଚାହିଁଲେ ମାଇକ୍ରୋୱେଭରେ ସିଝାଇପାରିବେ ।

■ ଢାଙ୍କୁଣୀ ବ୍ୟବହାର କରନ୍ତୁ

ସବୁବେଳେ ଖାଦ୍ୟ ରାନ୍ଧିବା ବେଳେ ଢାଙ୍କୁଣୀ ବ୍ୟବହାର କରନ୍ତୁ। କାରଣ,ଏମିତି କଲେ, ବାମ୍ଫ ଭିତରେ ରହିଥାଏ । ଏହା ଖାଦ୍ୟକୁ ଶୀଘ୍ର ରାନ୍ଧିବାରେ ସହାୟକ ହୋଇଥାଏ ।

■ ଥର୍ମୋପ୍ଲାସ

ଯଦି ଅଧିକାଂଶ ବ୍ୟଞ୍ଜନ ରାନ୍ଧିବା ପୂର୍ବରୁ ଆପଣଙ୍କୁ ଗରମ ପାଣିରେ ଆବଶ୍ୟକ ପଡ଼ିଥାଏ, ତା'ହେଲେ ଥର୍ମୋପ୍ଲାସ ବ୍ୟବହାର କରନ୍ତୁ। ଗ୍ୟାସରେ ଥରେ ପାଣି ଗରମ କରନ୍ତୁ। ଗ୍ୟାସରେ ଥରେ ପାଣି ଗରମ କରନ୍ତୁ ଏବଂ ଏହାକୁ ଥର୍ମୋପ୍ଲାସରେ ରଖିଦିଅନ୍ତୁ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ଫିଜି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ବୈଠକ କଲେ ଭାରତ ରାଷ୍ଟ୍ରପତି

**ଭୁବନେଶ୍ୱର,୭।୮ (ମହାଭାରତ):** ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମିଳିଛି ଫିଜିର ସର୍ବୋଚ୍ଚ ବେସାମରିକ ସମ୍ମାନ। ଫିଜିର ରାଷ୍ଟ୍ରପତି ରାତୁ ୱିଲିୟମ ମିଆଭାଲିଲି କାଟୋନିଭେରେ ତାଙ୍କୁ 'କମ୍ପାନୀଅନ ଅଫ ଦ ଅର୍ଡର ଅଫ୍ ଫିଜି' ସମ୍ମାନରେ ସମ୍ମାନିତ କରିଛନ୍ତି। ରାଷ୍ଟ୍ରପତି ମୁର୍ମୁ ଏବେ ଦୁଇଦିନିଆ ଫିଜି ଗସ୍ତରେ ଅଛନ୍ତି।

ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ସକାଳେ ନାଡିରୁ ଫିଜିର ସୁଭାରେ ପହଞ୍ଚିଥିଲେ, ଯେଉଁଠାରେ ସେ ଫିଜି, ନ୍ୟୁଜିଲ୍ୟାଣ୍ଡ ଏବଂ ତିମୋର-ଲେଷ୍ଟେ ଗସ୍ତର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଛନ୍ତି। ବିମାନବନ୍ଦରରେ ଫିଜିର ପ୍ରଧାନମନ୍ତ୍ରୀ ସିତିବେନି ରାବୁକା ତାଙ୍କୁ ସ୍ୱାଗତ କରିଥିଲେ। କୌଣସି ଭାରତୀୟ ରାଷ୍ଟ୍ରମୁଖ୍ୟଙ୍କ ଏହା ପ୍ରଥମ ଫିଜି ଗସ୍ତ। ଏହି ଗସ୍ତରେ ରାଷ୍ଟ୍ରପତି ମୁର୍ମୁଙ୍କ ସହ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ୍, ଲୋକସଭା ସାଂସଦ ସୌମିତ୍ର ଖାଁ ଓ ଯୁଗଳ କିଶୋର ଉପସ୍ଥିତ ଥିଲେ। ଫିଜି ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ମୁର୍ମୁଙ୍କ ପାଇଁ ଏକ ପାରମ୍ପରିକ ସ୍ୱାଗତ ସମାରୋହର ଆୟୋଜନ କରାଯାଇଥିଲା। ଏହାପରେ ରାଷ୍ଟ୍ରପତି ଷ୍ଟେଟ୍ ହାଉସ୍ ପରିଦର୍ଶନ କରି ଫିଜିର ରାଷ୍ଟ୍ରପତି ରାତୁ ୱିଲିଆମେ ମାଇଭାଲିଲି କାଟୋନିଭେରେ ତାଙ୍କୁ ସ୍ୱାଗତ କରିଥିଲେ। ଉଭୟ ନେତା ଭାରତ-ଫିଜି ସମ୍ପର୍କକୁ ଆହୁରି ଗଭୀର କରିବା ଉପରେ ଆଲୋଚନା କରିଥିଲେ। ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ଦେଶଗୁଡ଼ିକ (ପିଆଇସି) ସହିତ



ଆମର ସମ୍ପର୍କ ଏବଂ ବିକାଶ ଭାଗିଦାରୀକୁ ସୁଦୃଢ଼ କରିବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ରାଷ୍ଟ୍ରପତି କହିଥିଲେ, ଯେଉଁଥିରେ ଫିଜି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର। ଷ୍ଟେଟ୍ ହାଉସରେ ଫିଜି ରାଷ୍ଟ୍ରପତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଫିଜିର ସର୍ବୋଚ୍ଚ ବେସାମରିକ ସମ୍ମାନ - କମ୍ପାନିଅନ୍ ଅଫ୍ ଦି ଅର୍ଡର ଅଫ୍ ଫିଜି ପ୍ରଦାନ କରିଥିଲେ। ରାଷ୍ଟ୍ରପତି ମୁର୍ମୁ ଗତ ବର୍ଷ ଫେବ୍ରୁଆରିରେ ଉଦଘାଟିତ ହୋଇଥିବା ଭାରତୀୟ ପଦକ୍ଷେପ 'ରାଷ୍ଟ୍ରମୁଖ୍ୟଙ୍କ ସୌରୀକରଣ' ପ୍ରକଳ୍ପର ଅଗ୍ରଗତି ଦେଖିଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଫିଜି ସଂସଦକୁ ସମ୍ବୋଧିତ କରିଥିଲେ। ରାଷ୍ଟ୍ରପତି କହିଥିଲେ ଯେ ଆମ ଆକାରରେ ବ୍ୟାପକ ପାର୍ଥକ୍ୟ ଥିଲେ ମଧ ଉଭୟ ଭାରତ ଏବଂ ଫିଜିରେ ଆମର ଜୀବନ୍ତ ଗଣତନ୍ତ୍ର ସମେତ ଅନେକ ସାମଞ୍ଜସ୍ୟ ରହିଛି। ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ପ୍ରୋତ୍ସାହିତ କରିବାର ସମୃଦ୍ଧ ଅଭିଜ୍ଞତା ଥିବା ଜଣେ ଘନିଷ୍ଠ ବନ୍ଧୁ ଏବଂ ସହଯୋଗୀ ଭାବରେ ଭାରତ ଫିଜିକୁ ସର୍ବଦା ସହଯୋଗ କରିବାକୁ ପ୍ରସ୍ତୁତ ଅଛି ବୋଲି ସେ ଫିଜି ସାଂସଦମାନଙ୍କୁ ଆଶ୍ୱାସନା ଦେଇଥିଲେ।

ରାଷ୍ଟ୍ରପତି ମୁର୍ମୁ ଆହୁରି ମଧ କହିଛନ୍ତି ଯେ ଆଜି ଫିଜି ଆମର ମିଳିତ ପ୍ରୟାସରେ ଏହାର ଅବଦାନ ପାଇଁ ସମଗ୍ର ବିଶ୍ୱରେ ପରିଚିତ ଏବଂ ଏହା ଦୁଇଟି ପ୍ରମୁଖ ବିଶ୍ୱ ଆହ୍ୱାନ - ଜଳବାୟୁ ପରିବର୍ତ୍ତନ ଏବଂ ମାନବ ସଂଘର୍ଷର ମୁକାବିଲା ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ବିଶ୍ୱସ୍ତରୀୟ ଆଲୋଚନାକୁ ଆକାର ଦେବା ହେଉ କିମ୍ବା ସାମୁଦ୍ରିକ-ରାଷ୍ଟ୍ରଗୁଡ଼ିକର ଉଦବେଗ ଉତ୍ଥାପନ କରିବା ହେଉ, ଫିଜି ବିଶ୍ୱର ମଙ୍ଗଳରେ ବିପୁଳ ଅବଦାନ ଦେଉଛି। ସମଗ୍ର ବିଶ୍ୱରେ ଫିଜିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଭାରତ ବହୁତ ଗୁରୁତ୍ୱ ଦେଇଥାଏ ଏବଂ ପ୍ରଶଂସା କରେ।

ରାଷ୍ଟ୍ରପତି କହିଥିଲେ ଯେ ଫିଜିଠାରୁ ବାକି ବିଶ୍ୱ ବହୁତ କିଛି ଶିଖିବାର ଅଛି, ଯେଉଁଥିରେ ସରଳ ଫିଜିଆନ୍ ଜୀବନଶୈଳୀ, ପରମ୍ପରା ଏବଂ ରୀତିନୀତି ପ୍ରତି ଗଭୀର ସମ୍ମାନ ଏବଂ ଏକ ଖୋଲା ତଥା ବହୁ ସାଂସ୍କୃତିକ ପରିବେଶ ଅନ୍ତର୍ଭୁକ୍ତ। ବିଭିନ୍ନ କ୍ଷେତ୍ରରେ ଭାରତ-ଫିଜି ସହଯୋଗ ସୁଦୃଢ଼ ହେବାରେ ଲାଗିଛି ବୋଲି ସେ ଖୁସି ବ୍ୟକ୍ତ କରିଥିଲେ। ରାଷ୍ଟ୍ରପତି କହିଛନ୍ତି ଯେ ଗ୍ଲୋବାଲ ସାଉଥର ଏକ ଶକ୍ତିଶାଳୀ ସ୍ୱର ଭାବରେ ଭାରତ ଜଳବାୟୁ ନ୍ୟାୟ ପାଇଁ ଫିଜି ଏବଂ ଅନ୍ୟାନ୍ୟ ମହାସାଗରୀୟ ରାଷ୍ଟ୍ରମାନଙ୍କ ସହିତ କାନ୍ଧରେ କାନ୍ଧ ମିଳାଇ ଛିଡା ହେବ। ପରବର୍ତ୍ତୀ କାର୍ଯ୍ୟକ୍ରମରେ ଫିଜିର ପ୍ରଧାନମନ୍ତ୍ରୀ ସିତିକେନି ରାବୁକା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଥିଲେ। ଦୁଇ ନେତା ବ୍ୟାପକ ଆଲୋଚନା କରିବା ସହ ଐତିହାସିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଦୁଇ ଦେଶ ମଧ୍ୟରେ ଭାଗିଦାରୀକୁ ସୁଦୃଢ଼ କରିବା ପାଇଁ ସହମତି ପ୍ରକାଶ କରିଥିଲେ।

# ଜିଲ୍ଲାସ୍ତରୀୟ ଓଜନ ଉତ୍ସବ

**ଖୋର୍ଦ୍ଧା,୭।୮ (ମହାଭାରତ):** ଜିଲ୍ଲା ପ୍ରଶାସନ ତରଫରୁ ଏବଂ ରାଜ୍ୟ ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଆଜି ସମଗ୍ର ଖୋର୍ଦ୍ଧା ଜିଲ୍ଲାରେ ଶିଶୁ ମାନଙ୍କର ଅଭିବୃଦ୍ଧି ଆକଳନ ନିମନ୍ତେ ସ୍ୱତନ୍ତ୍ର ପ୍ରଥମ ପର୍ଯ୍ୟାୟ ଓଜନ ଉସବ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲ୍ଲା ସମାଜ ଅଧିକାରୀ, ଜିଲ୍ଲା ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ(ପରିବାର ନିୟୋଜନ) ଡକ୍ଟର ରଘୁନାଥ ନାୟକ, ଆରବିଏସକେ ମ୍ୟାନେଜର ଅନିତା ରାଉତ, ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରୀ, ପୋଷଣର ଜିଲ୍ଲା ସଂଯୋଜିକା ଅଭିଲିପ୍ସା ବେହେରା, ବି.ସନ୍ତୋଷ , ବ୍ଲକସ୍ତରୀୟ ପୋଷଣ ସଂଯୋଜକ ସମସ୍ତ ସୁପରଭାଇଜାର, ମିସନ ଶକ୍ତି ସଂଯୋଜକ ଯୋଗଦେଇଥିଲେ ।

ଏହି ସଭା ରେ ମହିଳା ଓ ଶିଶୁ ବିକାଶ ୦-୬ ବର୍ଷ ସମସ୍ତ ପିଲା ମାନଙ୍କର ଓଜନ ଏବଂ ଉଚ୍ଚତା ଅଗଷ୍ଟ ମାସ ୨୦ ତାରିଖ ପର୍ଯ୍ୟନ୍ତ ଓଜନ ଉତ୍ସବ ମାଧ୍ୟମରେ କିପରି ଅନ୍ୟ ବିଭାଗ ସହ ମିଳିତ ଭାବରେ କରାଯିବ ସେହି ବିଷୟ ରେ ଆଲୋଚନା ହୋଇଥିଲା । ଜିଲ୍ଲା ସଂଯୋଜିକା(ପୋଷଣ) ଅଭିଲିପ୍ଶା ବେହେରା ସଠିକ୍ ଭାବେ ଓଜନ ଉଚ୍ଚତା ପିଲା ମାନଙ୍କର ନିଆ ଯିବ ଏବଂ ପୋଷଣ ଟ୍ରାକର ମାଧ୍ୟମରେ ପିଲା ର ସ୍ଥିତି ସମ୍ବନ୍ଧରେ ଜାଣି ସେହି ପିଲାଙ୍କୁ ସଠିକ୍ ସମୟ ଉପଯୁକ୍ତ ପୋଷଣ ଏବଂ ଚିକିତ୍ସ ଦିଆ ହେବ ସେହି ସମ୍ବନ୍ଧ ରେ ସୂଚନା ଦିଆଯାଇଥିଲା ଏବଂ ନିର୍ଦ୍ଧାରିତ ସମୟ ରେ ସମସ୍ତ ଓଜନ ଆକଳନ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ ପ୍ରହରାଜ ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ସଂଯୋଜିକା ପୋଷଣ ଅଭିଲିପ୍ଶା ବେହେରା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

# ବହୁଭାଷୀ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର,୭।୮ (ମହାଭାରତ):** ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ବହୁଭାଷୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଆସନ୍ତା ୧୦ ତାରିଖ ଯାଏଁ ଚାଲୁ ରହିବ । ଭୁବନେଶ୍ୱରସ୍ଥିତ ଠକ୍କର ବାପା ଛାତ୍ରାବାସଠାରେ ପାଠ୍ୟପୁସ୍ତକ, ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ଜନଜାତି ଭାଷାର ସଂଯୋଜନଭିତ୍ତିକ ବହୁଭାଷୀ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି । ଏହି କାଯରୟକ୍ରମରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସହ ନିର୍ଦ୍ଦେଶକ ଶ୍ରୀ ସମରେନ୍ଦ୍ର ଭୂତିଆ। ମୁଖ୍ୟଅତିଥି ଭାବେ ଯୋଗ ଦେଇଛନ୍ତି । ସେ ଜନଜାତି ଛାତ୍ରଛାତ୍ରୀମାନେ ସାମ୍ନା କରୁଥିବା ଭାଷା



ସମ୍ବନ୍ଧୀୟ ସମସ୍ୟା ଉପରେ ଗୁରୁତ୍ୱାରୋପ କରିବା ସହ ପ୍ରଶିକ୍ଷାର୍ଥୀମାନେ ଏହି ଶିବିରରେ ଅଧିକରୁ ଅଧିକ ଅଂଶଗ୍ରହଣ କରି ବିଦ୍ୟାଳୟସ୍ତରରେ ଏହାକୁ ଅଧିକ ବ୍ୟାପକ କରାନ୍ତୁ ବୋଲି ଆହ୍ୱାନ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଶିବିରଟି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଛି । ଏଥିରେ ଯାଜପୁର, କଟକ ଏବଂ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟରୁ ମୋଟ୍ ୫୦ ଜଣ ବହୁଭାଷୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରଶିକ୍ଷାର୍ଥୀ ଭାବେ ଯୋଗ ଦେଇଛନ୍ତି । ଖୋର୍ଦ୍ଧା ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ ଗୀତାଂଶୁ ମୋହନ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଶ୍ରେଣୀଗୃହରେ ଭାଷାକୁ ନେଇ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ନୂତନ ଶିକ୍ଷଣ ପଦ୍ଧତି ମାଧ୍ୟମରେ କିପରି ପାଠପଢ଼ାକୁ ସରଳ ଓ ସାବଲୀଳ କରାଯାଇ ପାରିବ, ସେ ନେଇ ପରାମର୍ଶ ଦେଇଛନ୍ତି ।

ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଭାଷାବିତ୍ ଡ଼ ପରମାନନ୍ଦ ପଟେଲ୍ ଶିବିରର ବିଷୟବସ୍ତୁ, ତାଲିମ୍‌ର ଉଦେଶ୍ୟ ଓ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଛନ୍ତି । ସେହପରି ପରାମର୍ଶଦାତା ଡ଼ ଚିତ୍ରସେନ ପ୍ରଶାୟତ ବହୁଭାଷୀ ଶିକ୍ଷାର ଆବଶ୍ୟକତା ଏବଂ ବିଦ୍ୟାଳୟରେ ଏହାର ପ୍ରୟୋଗକୁ କିପରି ସୂତ୍ରରୁ ରୂପେ କରାଯିବ ତାହା ଉପରେ ସମ୍ୟକ ବିବରଣୀ ରଖିଛନ୍ତି । ଶେଷରେ ଗବେଷଣା ସହାୟିକା ଡ଼ ସଞ୍ଜୁକ୍ତା ମହାରଣା ଉପସ୍ଥିତ ଅତିଥି, ପ୍ରଶିକ୍ଷାର୍ଥୀ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଜଣାଇବା ସହ ଶିବିରର ଉପକାରିତା, ଶିକ୍ଷାଦାନର ପଦ୍ଧତି ସମ୍ପର୍କରେ ଆଲୋକପାତ କରିଛନ୍ତି ।

ଏହି ଚାରି ଦିବସୀୟ ପ୍ରଶିକ୍ଷଣ ଶିବିରରେ କୋରାପୁଟ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, କେନ୍ଦୁଝର ରାଙ୍କି ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀ ସୁଧାକର କୁଅଁର, ଗଜପତି ଜିଲ୍ଲା ଲକ୍ଷ୍ମୀପୁରସ୍ଥିତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀ ଫିରୋଜ ଖାଁ ଛିଞ୍ଚାନି ତାଲିମ୍ ପ୍ରଦାନ କରିବେ ।

# ମମତା ମହନ୍ତଙ୍କୁ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୭।୮ (ମହାଭାରତ):** ବିଜେପିର ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କାର୍ଯ୍ୟଶୈଳୀରେ ହୋଇ ପୂର୍ବତନ ବିଜେଡି ନେତ୍ରୀ ତଥା ସାଂସଦ ଶ୍ରୀମତୀ ମମତା ମହନ୍ତ ବିଜେଡି ଦଳ ଏବଂ ରାଜ୍ୟ ସଭା ସାଂସଦ ପଦରୁ ଇସ୍ତଫା ଦେଇ ଗତ ୧ ତାରିଖ ଦିନ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ଆନୁଷ୍ଠାନିକ ଭାବେ ବିଜେପିରେ



ଯୋଗଦାନ କରିଥିଲେ। ମଙ୍ଗଳବାର ଶ୍ରୀମତୀ ମହନ୍ତ ଭୁବନେଶ୍ୱରରେ ପହଂଚିବା ପରେ ତାଙ୍କୁ ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ଡା.ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସଂପାକ ଡ.ଯତୀନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ମହନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇବା ସହିତ ଶ୍ରୀମତୀ ମହନ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

ଓଡିଶାରେ ବିଜେପିର ଡବଲ ଇଂଜିନ ସରକାର ଗଠନ ସମ୍ଭବ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠନ ହୋଇଥିବା ସାଧାରଣ ଲୋକଙ୍କ ବିଜେପି ସରକାରର ଦଳୀୟ ସଂଗଠନକୁ ଆହୁରି ମଜବୁତ କରାଯିବ ଏବଂ ଶ୍ରୀମତୀ ମହନ୍ତଙ୍କ ଯୋଗଦାନ ବିଜେପିକୁ ସମୃଦ୍ଧ କରିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି।

ଓଡିଶାବାସୀ ଏବଂ ବିଶେଷ ଭାବେ ମୟୂରଭଞ୍ଜ ଜିଲ୍ଲାବାସୀ ସଦ୍ୟସମାପ୍ତ ନିର୍ବାଚନରେ ବିଜେପିକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ଜିଲ୍ଲାର ସମୁଦାୟ ୯ଟିରୁ ୯ ବିଧାୟକ ଏବଂ ଲୋକସଭା ସାଂସଦଙ୍କୁ ବିଜୟୀ କରାଇଛନ୍ତି । ଲୋକଙ୍କ ସେବା ପାଇଁ ମୁଁ ବିଜେପିରେ ଯୋଗ ଦେଇଛି ଏବଂ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ ପାର୍ଟିର ନିର୍ଦ୍ଦେଶକୁ ପାଳନ କରିବି ବୋଲି ଶ୍ରୀ ମହନ୍ତ କହିଛନ୍ତି । ଏହି ଅବସରରେ ପାର୍ଟୀର ଅନେକ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବିଡ଼ି ଓ ଖଣି ଶ୍ରମିକଙ୍କ ପିଲାଙ୍କ ପାଇଁ ବାର୍ଷିକ ଛାତ୍ରବୃତ୍ତି ଯୋଜନାରେ ଆବେଦନ ଆହ୍ୱାନ

**ଭୁବନେଶ୍ୱର,୭।୮ (ମହାଭାରତ):** କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ପକ୍ଷରୁ ବିଡ଼ି, ସିନେ ଓ ଖଣି (କୋଇଲାକୁ ଛାଡ଼ି) ଶ୍ରମିକଙ୍କ ପିଲାମାନଙ୍କ ପାଇଁ ବାର୍ଷିକ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଆଗ୍ରହୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଠାରୁ ଯୋଜନା ପାଇଁ ଆବେଦନ ଆହ୍ୱାନ କରାଯାଇଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଏବଂ ଏକାଦଶରୁ ଉର୍ଦ୍ଧ୍ୱ ଶ୍ରେଣୀର ଛାତ୍ରଛାତ୍ରୀ ୩୧ ଅକ୍ଟୋବର ସୁଦ୍ଧା ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ୍ ରେ ଆବେଦନ କରିପାରିବେ ଆବେଦନ କରିପାରିବେ।


ଛାତ୍ରବୃତ୍ତି ବାବଦରେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ପିଲା ବାର୍ଷିକ ୧୦୦୦ ଟଙ୍କା, ପଂଚମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ୧,୫୦୦ ଟଙ୍କା, ନବମ ଓ ଦଶମ ଶ୍ରେଣୀ ପିଲା ୨ହଜାର ଟଙ୍କା ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପିଲା ୩,୦୦୦ ଟଙ୍କାର ଛାତ୍ରବୃତ୍ତି ପାଇବେ। ସେହିପରି ଆଇଟିଆଇ, ପଲିଟେକ୍ନିକ୍, ବିଏସସି ଏଗ୍ରିକଲଚର୍ ସମେତ ସ୍ନାତକ ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ୬,୦୦୦ ଟଙ୍କା ଲେଖାଏଁ ବାର୍ଷିକ ଛାତ୍ରବୃତ୍ତି ମିଳିବ। ପେସାଦାର ପାଠ୍ୟକ୍ରମ ପାଇଁ ୨୫,୦୦୦ ଟଙ୍କାର ଛାତ୍ରବୃତ୍ତି ନିର୍ଦ୍ଧାରଣ କରାଯାଇଛି। ମାସିକ ଦଶ ହଜାର ଟଙ୍କାରୁ କମ୍ ଆୟ କରୁଥିବା ବିଡ଼ି ଶ୍ରମିକ, ଲୁହାପଥର, ମାଙ୍ଗାନିଜ୍, କ୍ରୋମ୍ ଖଣି, ଚୂନପଥର, ଡେଲୋମାଇଟ୍ ଖଣିର ଶ୍ରମିକ ଏବଂ ୮ହଜାର ଟଙ୍କାରୁ କମ୍ ରୋଜଗାର କରୁଥିବା ସିନେ ଶ୍ରମିକଙ୍କ ପିଲାମାନେ ଏହି ଛାତ୍ରବୃତ୍ତି ପାଇଁ ଯୋଗ୍ୟ ଅଟନ୍ତି । ଆଗ୍ରହୀ ଛାତ୍ରଛାତ୍ରୀ ଏବଂ ଅଭିଭାବକ ସେମାନଙ୍କର ସ୍ୱତନ୍ତ୍ର ମୋବାଇଲ୍ ନମ୍ବର, ଫଟୋ, ଶ୍ରମିକଙ୍କ ପରିଚୟପତ୍ର, ବ୍ୟାଙ୍କ ପାସ୍ ବୁକ୍ ବିବରଣୀ, ପୂର୍ବ ଶିକ୍ଷାବର୍ଷର ମାର୍କଶିଟ୍ କିମ୍ବା ସାର୍ଟିଫିକେଟ୍, କ୍ଷମତାପ୍ରାପ୍ତ ରାଜସ୍ୱ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ଆୟ ପ୍ରମାଣପତ୍ର ସହିତ ବୃତ୍ତି ଯୋଜନା ପାଇଁ ଆବେଦନ କରିପାରିବେ।

# ଗାଁସାଥୀଙ୍କ ସାଙ୍ଗଠନିକ କର୍ମଶାଳା ଉଦ୍‌ଯାପିତ

**ଭୁବନେଶ୍ୱର,୭।୮ (ମହାଭାରତ):** ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଓଡ଼ିଶା ପ୍ରଦେଶ ସଂଗଠନ ତରଫରୁ ଚଳିତ ଅଗଷ୍ଟ ୪ ତାରିଖ ଅପରାହ୍ନରୁ ସଂଘର ରାଜ୍ୟ ଅଫିସ୍‌ରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ସାଙ୍ଗଠନିକ କର୍ମଶାଳା ଆଜି ଅପରାହ୍ନ ୪ ଘଟିକାରେ ଉତ୍କଳ ସାମ୍ବାଦିକ ଭବନରେ ବିଧିବଦ୍ଧ ଭାବରେ ସମାପନ ହୋଇଅଛି । ଉକ୍ତ କର୍ମଶାଳାରେ ସାରା ଓଡ଼ିଶାରୁ ଆସିଥିବା ଶତାଧିକ ରାଜ୍ୟ, ଜିଲ୍ଲା ଓ ବ୍ଲକ ସଂଗଠକମାନେ ମିଶି ଗାଁସାଥୀ ମେଟ୍ ମାନଙ୍କର ବିଭିନ୍ନ ପ୍ରକାର ଜିଲ୍ଲା ଓ ବ୍ଲକ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପ୍ରକାର ସାଙ୍ଗଠନିକ ଖସଡା ପ୍ରସ୍ତୁତ କରିଛନ୍ତି ଓ ଏଥିସହିତ ସଂଗଠନକୁ ତୃଣମୂଳ ସ୍ତରରୁ ରାଜ୍ୟସ୍ତର ଯାଏ ସଶକ୍ତ କରିବା ଲାଗି ସମସ୍ତ ପ୍ରକାର ସାଙ୍ଗଠନିକ ପଦକ୍ଷେପ ସଂଘ ଗ୍ରହଣ କରିଛି ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗଣମାଧ୍ୟମକୁ ଜଣାଇଛି ଉକ୍ତ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଶ୍ରୀ ବିବେକାନନ୍ଦ ଠାକୁର। ଉକ୍ତ ସଂଘର ପ୍ରମୁଖ ୨୨ଜଣ ସଭ୍ୟସଭ୍ୟାଙ୍କ ଉପସ୍ଥିତିରେ ସତ୍ୟନଗରସ୍ଥିତ ରାଜ୍ୟ ଅଫିସ୍‌ରୁ ୪ ତାରିଖ ଅପରାହ୍ନ ଅଧିବେଶନ ଶେଷ କରି ସଂଘର ରାଜ୍ୟ ସଭାପତି ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ରାଜ୍ୟର ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ସେଦିନ ସନ୍ଧ୍ୟା ୯ ଘଟିକାରେ ଭେଟି ୪ ଦଫା ଦାବି ଜଣାଇବା ସହିତ ବିଶେଷ ଆଲୋଚନା କରିଥିଲେ ।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଭୁବନେଶ୍ୱର,୭।୮ (ମହାଭାରତ):** ଶ୍ରୀରାମ ସେବା ସଂସ୍ଥାନ ପକ୍ଷରୁ ଡିସିବି ବ୍ୟାଙ୍କ ସହାୟତାରେ ଶୈଳଶ୍ରୀ ବିହାର ସ୍ଥିତ ଶ୍ରୀରାମ ସେବା ସଂସ୍ଥାନ ପଞ୍ଚସଖା ଭବନ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି।



ମୁଖ୍ୟ ଅତିଥି ଭାବେ ଡିସିବି ବ୍ୟାଙ୍କ ଚନ୍ଦ୍ରଶେଖରପୁର ଶାଖା ପରିଚାଳକ ଆଶୁତୋଷ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଓ ଶ୍ରୀରାମ ସେବା ସଂସ୍ଥାନର କର୍ମକର୍ତ୍ତା କୃପାସିନ୍ଧୁ ଷଡଙ୍ଗୀ, ପିତାମ୍ବର ମିଶ୍ର, ସଦାଶିବ ବେହେରା, ଧନଞ୍ଜୟ ଖୁଣ୍ଟିଆ, ପ୍ରକାଶ ରଥ, କବି ପଦ୍ମନାଭ ସାହୁ, ପ୍ରକାଶ ଦାସ, ଶା'ନୁ ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ଭେଷଜ ବିଭାଗର ବରିଷ୍ଠ ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ ଚିକିତ୍ସା ପ୍ରଦାନ କରିଥିଲାବେଳେ ତାଙ୍କ ସହଯେଗୀ ମାନେ ରକ୍ତ, ବିପି, ଇସିଜି ଇତ୍ୟାଦି ପରୀକ୍ଷା କରିଥିଲେ। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ, ମହିଳା ଓ ଯୁବକମାନେ ବହୁ ସଂଖ୍ୟାରେ ଯୋଗଦାନ କରି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ପର୍ବତାରୋହିଣୀ ବିଭାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୭।୮ (ମହାଭାରତ):** ଢେଙ୍କାନାଳ ଜିଲ୍ଲାର ଆନ୍ତର୍ଜାତୀୟ ପର୍ବତାରୋହିଣୀ ସୁଶ୍ରୀ ବିଭାରାଣୀ ପାତ୍ର ଚଳିତ ଅଗଷ୍ଟ ମାସ ୬ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ୟୁରୋପ ମହାଦେଶର ଉଚ୍ଚତମ ଗିରିଶୃଙ୍ଗ ମାଉ ଏଲ୍‌ବ୍ରସ୍‌କୁ ଯାତ୍ରା କରିବେ। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜଗବନ୍ଧୁ ଜରାଶ୍ରମ ଏବଂ ମହାବୋଧି ସୋସାଇଟି, ଓଡ଼ିଶା ଶାଖାର ମିଳିତ ସହଯୋଗରେ ସୋମବାର ସନ୍ଧ୍ୟା ୫.୩୦ ମିନିଟ୍ ସମୟରେ ବୁଦ୍ଧମନ୍ଦିର ପ୍ରାଙ୍ଗଣରେ ତାଙ୍କର ସଫଳତା କାମନା କରି ସୁଶ୍ରୀ ବିଭାରାଣୀ ପାତ୍ରଙ୍କୁ ଜଗନ୍ନାଥଙ୍କ ପତିତପାବନ ବାନା, ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯିବା ସହିତ ମହାବୋଧି ସୋସାଇଟିର ଟ୍ରଷ୍ଟି, ଓଡ଼ିଶା ଶାଖା ତରଫରୁ ଡଃ ସୌରେନ୍ଦ୍ର ମହାପାତ୍ର ୨୫ ହଜାର ଟଙ୍କା ଏବଂ ଜଗବନ୍ଧୁ ଜରାଶ୍ରମର ଶୁଭେଚ୍ଛୁମାନଙ୍କ ତରଫରୁ ୭୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର, ଟାଟା ଷ୍ଟିଲ୍ ସିଏସ୍‌ଆର ଓଡ଼ିଶା ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, କୁମାର ସୌରଭ, ମହାବୋଧି ସୋସାଇଟିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ଜଗବନ୍ଧୁ ଜରାଶ୍ରମର ପ୍ରତିଷ୍ଠାତା ତଥା ଉତ୍ସବର ଆୟୋଜକ ଆଶୁତୋଷ ମିଶ୍ର, ସମାଜସେବୀ ଦିବ୍ୟଜ୍ୟୋତି ନାୟକ ଶୁଭେଚ୍ଛା ଜଣାଇଥିଲେ।

# ଟୟୋଟା କିର୍ଲୋସ୍କର ମୋଟର ଷ୍ଟିଅର ଅଭିବୃଦ୍ଧି ଜାରି ରଖିଛି

**ଭୁବନେଶ୍ୱର,୭।୮ (ମହାଭାରତ):** କ୍ରମାଗତ ଦ୍ୱିତୀୟ ମାସ ପାଇଁ, ଟୟୋଟା କିର୍ଲୋସ୍କର ମୋଟର ଜୁଲାଇ ୨୦୨୪ ରେ ୩୧,୬୫୬ ୟୁନିଟର ସର୍ବଶ୍ରେଷ୍ଠ ମାସିକ ହୋଲସେଲ ପଞ୍ଜିକରଣ କରି ଏହାର ବିକ୍ରୟ ସଫଳତାକୁ ଅତିକ୍ରମ କରିଛି। ଏହି ସମୟରେ ଘରୋଇ ବ୍ରିକି ୨୯,୫୩୩ ୟୁନିଟ୍ ରହିଥିଲା। ସେହିପରି ୨,୧୨୩ ୟୁନିଟ ରପ୍ତାନୀ ହୋଇଥିଲା। ଜୁଲାଇ ୨୦୨୩ ତୁଳନାରେ ଏହା ୪୪% ଅଭିବୃଦ୍ଧି ହାସଲ କରିଛି। ସେତେବେଳେ କମ୍ପାନୀ ୨୧,୯୧୧ ୟୁନିଟ ବିକ୍ରି କରିଥିଲା। ଜୁନ ୨୦୨୪ର ପୂର୍ବ ମାସରେ, କମ୍ପାନୀ ୨୭, ୪୭୪ ୟୁନିଟ ବିକ୍ରି କରିଥିଲା। ୨୦୨୪ ର ପ୍ରଥମ ସାତ ମାସର ସିୱାଇରେ, ଟିକେଏମ ୧,୮୧,୯୦୬ ୟୁନିଟ ବିକ୍ରି କରିଥିଲା। ଯାହା ୨୦୨୩ର ସମାନ ସମୟ ତୁଳନାରେ ୪୬% ବୃଦ୍ଧି ଘଟିଛି। ସେତେବେଳେ କମ୍ପାନୀ ୧,୨୪,୨୮୨ ୟୁନିଟ ବିକ୍ରି ରେକର୍ଡ କରିଥିଲା। କମ୍ପାନୀର ଶକ୍ତିଶାଳୀ ପ୍ରଦର୍ଶନ ଉପରେ ମନ୍ତବ୍ୟ ଦେଇ ଟୟୋଟା କିର୍ଲୋସ୍କର ମୋଟରର ବ୍ୟବହୃତ କାର ବ୍ୟବସାୟର ବିକ୍ରୟ-ସେବା ଉପ-ସଭାପତି ସାବରୀ ମନୋହର କହିଲେ, ଜୁଲାଇ ୨୦୨୪ ପାଇଁ ଆମର ସର୍ବାଧିକ ବିକ୍ରୟ ପ୍ରଦର୍ଶନ ସହିତ ଅନ୍ୟ ଏକ ପ୍ରମୁଖ ମାଇଲଖୁଂଟ ଘୋଷଣା କରି ଆମେ ଆନନ୍ଦିତ। ସମସ୍ତଙ୍କ ପାଇଁ ଚାହିଦା ଆମର ମଡେଲଗୁଡିକ ପାଇଁ ସର୍ବଦା ଅଧିକ ରହିଥାଏ। ବିଶେଷକରି ଏସୟୁଭି ଏବଂ ଏମପିଭି ବର୍ଗରେ ଇନୋଭା କ୍ରିଷ୍ଟା, ଇନୋଭା ହାଇକ୍ରୋସ, ଅର୍ବାନ କ୍ରୁଜର ହାଇଡେର, ରୁମିଅନ, ଟାଇସର, ଫର୍ଚୁନର, ଲେଜେଣ୍ଡର, ହିଲକ୍ସ, ଏବଂ ଏଲସି ୩୦୦ ପରି ମଡେଲଗୁଡିକ ସହିତ ଏହି ବର୍ଗରେ ଆମର ଉପସ୍ଥିତି ଗ୍ରାହକଙ୍କୁ ବିସ୍ତୃତ ପସନ୍ଦ ପ୍ରଦାନ କରିଛି। ଏଥିସହ, ଗ୍ଲାନଜା, କ୍ୟାମ୍ରି ହାଇବ୍ରିଡ ଏବଂ ଭେଲଫାୟାର ସହିତ ବିବିଧ ଲାଇନ ଅପ, ଆମର ଗ୍ରାହକଙ୍କ ବିକାଶଶୀଳ ତଥା ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ ରଣକୌଶଳ ଭାବରେ ପରିକଳ୍ପନା କରାଯାଇଛି।

# ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ପାଳିତ

**ଭୁବନେଶ୍ୱର,୭।୮ (ମହାଭାରତ):** ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ତରଫରୁ ରାଜ୍ୟସ୍ତରୀୟ ଦଶମ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇ ଯାଇଛି। ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ଅର୍ଥନୀତିରେ ହସ୍ତତନ୍ତ ବୁଣାକାରଙ୍କ ପ୍ରମୁଖ ଯୋଗଦାନ ରହିଛି ବୋଲି ପ୍ରକାଶ କରିଛନ୍ତି ଓ ଗୁରୁତ୍ୱାରୋପ କରିଥିଲେ। ଏଥି ସହ ସେ ଓଡ଼ିଶାର ସମୃଦ୍ଧ ପରମ୍ପରା ତଥା ଭାରତୀୟ ବୟନଶିଳ୍ପରେ ହସ୍ତତନ୍ତ ବୁଣାକାରଙ୍କ ବ୍ୟାପକ ଅବଦାନ ଉପରେ ଆଲୋକପାତ କରିଥିଲେ । ଆର୍ଥିକ ସହାୟତା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବାଣିଜ୍ୟ ସହାୟତା ସମେତ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ହସ୍ତତନ୍ତ କ୍ଷେତ୍ରକୁ ସମର୍ଥନ ତଥା ପ୍ରୋତ୍ସାହନ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେଡ. ପାଢ଼ୀ ମଧ ଆଲୋକପାତ କରିଥିଲେ।

ଆମର ପୁରୁଣା ବୟନ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ଏବଂ ବୁଣାକାର ମାନଙ୍କୁ ସମର୍ଥନ କରିବା ଦିଗରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ଦଶମ ଜାତୀୟ ହସ୍ତତନ୍ତ ଦିବସ ପାଳନଏକ ବହୁମୂଲ୍ୟ ଅବସର। ୧୯୦୫ ମସିହାରେଏହି ଦିନ କଲିକତା ଟାଉନହଲ୍‌ରେ ଏକ ବିଶାଳ ସଭାରେ ସ୍ୱଦେଶୀ ଆନ୍ଦୋଳନ ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଥିଲା। ଏହି ଆନ୍ଦୋଳନର ଶୁଭ ତିଥି ୭ ଅଗଷ୍ଟକୁ ସ୍ମରଣ କରିବା ପାଇଁଏହି ଦିନଟିକୁ ସାରା ଦେଶରେ ଜାତୀୟ ହସ୍ତତନ୍ତ ଦିବସ ଭାବରେ ପାଳନ କରାଯାଉଛି । ହସ୍ତତନ୍ତର ଗୁରୁତ୍ୱ ଓ ଦେଶ ବିଦେଶରେ ସାମାଜିକ ତଥା ଅର୍ଥନୈତିକ ବିକାଶରେ ଏହାର ଅବଦାନ ଉପରେ ସଚେତନତା ସୃଷ୍ଟି କରିବା ହେଉଛିଏହି ଦିବସ ପାଳନର ପ୍ରମୁଖ ଉଦେଶ୍ୟ। ସାଂସ୍କୃତିକ ଐତିହ୍ୟ ସମୃଦ୍ଧ ଓଡ଼ିଶାଏହାର ସୂକ୍ଷ୍ମ ହସ୍ତତନ୍ତ ପରମ୍ପରା ପାଇଁ ପ୍ରସିଦ୍ଧ। ରାଜ୍ୟର ହସ୍ତତନ୍ତ ଶିଳ୍ପ ଏହାର ବୁଣାକାର ମାନଙ୍କ ଦକ୍ଷତା ଓ ସୃଜନ ଶୀଳତାର ପ୍ରମାଣ ।ବୁଣାକାର ମାନେ ନିଜ କଳାକୁ ଯୁଗଯୁଗ ଧରି ସଂରକ୍ଷଣ କରି ରଖିଛନ୍ତି। ସମ୍ବଲପୁରୀ, ଟସର, ବମକାଇ, ମାଣିଆବନ୍ଧ ଓ ବ୍ରହ୍ମପୁରୀ ଶାଢ଼ି ପରି ଓଡ଼ିଶାର ହସ୍ତତନ୍ତ ଉତ୍ପାଦ ସାରା ବିଶ୍ୱରେ ନିଆରା ଡିଜାଇନ୍ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି। ଏହି ବସ୍ତ୍ର କେବଳ କପଡ଼ାର ଏକ ଖଣ୍ଡ ନୁହେଁ ବରଂ ଆମ ଓଡ଼ିଶାର ପ୍ରତିଟି ଅଞ୍ଚଳର ଇତିହାସ, ସଂସ୍କୃତି ଏବଂ ପରମ୍ପରା ଆଧାରିତ କାହାଣୀର ରୂପାନ୍ତରଣ। ଏପରି ସମାବେଶ ନିଶ୍ଚିତ ଭାବରେ ଆମ ରାଜ୍ୟର ବୁଣାକର ମାନଙ୍କୁ ସେମାନଙ୍କର ଉତ୍ତମ ବୃଦ୍ଧି ବଜାୟ ରଖିବାକୁ ଏବଂ ଯୁବପିଢ଼ିକୁ ଏଥି ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ ମତପ୍ରଦାନ କରିଥିଲେ।



ଏହି ଅବସରରେ ଚାରିଜଣ ବିଶିଷ୍ଟ ବୁଣାକାର ଭାଇ ଓ ଭଉଣୀଙ୍କୁ ହସ୍ତତନ୍ତ କ୍ଷେତ୍ରରେ ସଫଳ ଯୋଗଦାନ ପାଇଁ ଉତ୍ସାହିତ କରାଯାଇଥିଲା। ଖୋର୍ଦ୍ଧା ଜିଲ୍ଲାର ଧଳାପରଦା କପଡ଼ା ଓ ଫାବ୍ରିକ୍ସ କାମ ପାଇଁ ସୁରେଶ କୁମାର ରାଉତଙ୍କୁ, ମୟୁରଭଞ୍ଜ ଜିଲ୍ଲାର ଫୁଟାଶାଢ଼ି/ ଗାମୁଛାରେ ପାରଦର୍ଶିତା ପାଇଁ ଶ୍ରୀଶନ୍ତୁନାଥ ସେନାପତି, କେରାପୁଟ ଜିଲ୍ଲାର କେରଙ୍ଗା କପଡ଼ାରେ ବିବିଧ କାରିଗରୀ ପାଇଁ ଶ୍ରୀମତୀ ଭାଗବତୀ ସିସା, ଓ କଳାହାଣ୍ଡି ଜିଲ୍ଲାର ହାବାସପୁରି ହସ୍ତତନ୍ତ ଉତ୍ପାଦ ପାଇଁ ଜଳନ୍ଦର ମେହେରଙ୍କୁ ସମ୍ମାନିତ କରାଯାଇଥିଲା ।ଏହି ବୁଣାକାରମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ନିଜ ଅଞ୍ଚଳର ସମୃଦ୍ଧ ଐତିହ୍ୟ ଓ ବୟନ ଦକ୍ଷତାକୁ ପ୍ରତିଫଳିତ କରି ହସ୍ତତନ୍ତ ଶିଳ୍ପ ଉପରେ ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ଆଣିପାରିଛନ୍ତି । କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଯୁଗ୍ମ ଶାସନସଚିବ, ଅନନ୍ୟା ଦାସ, 'ବୟନିକା'ର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ, 'ଉତ୍କଳିକା'ର ପରିଚାଳନା ନିର୍ଦ୍ଦେଶକ କଲ୍ୟାଣୀ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶକ, ରେଶମଚାଷ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଏବଂ ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଇନ୍ଦିରା ବେହେରା ମଧ ଉପସ୍ଥିତ ଥିଲେ। ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ଶ୍ରୀ ଶୋଭନ୍‌କୃଷ୍ଣ ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନକରିଥିଲେ।

# ଚିରକାଳ ପାଇଁ ସଂରକ୍ଷଣବାଦ !

ଚିରକାଳ ପାଇଁ ସଂରକ୍ଷଣବାଦ ଚାଲିପାରିବ ନାହିଁ ବୋଲି ସମ୍ବିଧାନ ପ୍ରଣେତା କହିଥିଲେ। କିନ୍ତୁ ତାଙ୍କର ସମ୍ଭବତଃ ଦୂରଦୃଷ୍ଟି କମ ଥିଲା। ସେ ଭାବି ପାରିନଥିଲେ ଯେ, ଆଗାମୀ ଦିନରେ ରାଜନେତା ମାନେ ଏହାକୁ ଭୋଟ ବ୍ୟାଙ୍କ କରିବେ ଏବଂ ସଂରକ୍ଷଣ ବ୍ୟବସ୍ଥାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରଖିବେ। ପୁଣି ସମ୍ବିଧାନରେ ଉଲ୍ଲେଖ ଅଛି ଯେ, ମୋଟ ସଂରକ୍ଷଣ ସୀମା କୌଣସି ପରିସ୍ଥିତିର ବି ୫୦%ରୁ ଅଧିକ ହେବ ନାହିଁ। କିନ୍ତୁ ଏବେ କଂଗ୍ରେସ ସମ୍ବିଧାନ ସଂଶୋଧନ କରି ସଂରକ୍ଷଣ ସୀମାକୁ ୫୦%ରୁ ଅଧିକ କରିବା ଲାଗି ଦାବି କରୁଛି। ହୁଏତ ଭବିଷ୍ୟତରେ ଏହା ବି ହୋଇପାରେ। ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ବେଳେ ସଂରକ୍ଷଣ ସମୟସୀମାକୁ ବଢ଼ାଇଥିଲେ। ଭି ପି ସିଂହ ଭୋଟ ବ୍ୟାଙ୍କ ନିମନ୍ତେ ମଣ୍ଡଳ କମିଶନ ସୁପାରିସକୁ କାର୍ଯ୍ୟକାରୀ କରିଥିଲେ ଏବଂ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ସେତେବେଳେ ଏହାକୁ ବିରୋଧ କରି ସାରା ଦେଶରେ ପ୍ରବଳ ଜନ ଆନ୍ଦୋଳନ ହୋଇଥିଲା। ଅନେକ ଜୀବନ ଯାଇଥିଲା। କିନ୍ତୁ ଏହାର କୌଣସି ପ୍ରଭାବ ପଡ଼ିଲା ନାହିଁ। ସଂକୀର୍ଣ୍ଣ ଚିନ୍ତାଧାରା ସମ୍ପନ୍ନ ନେତାମାନେ ଭୋଟ ବ୍ୟାଙ୍କ ରାଜନୀତିରେ ଦେଶର ପ୍ରତିଭାସମ୍ପନ୍ନ ଯୁବ ବର୍ଗଙ୍କ ସ୍ୱାର୍ଥକୁ ବଳି ପକାଇଦେଲେ। ଇତିହାସ ସେମାନଙ୍କୁ କେବେ କ୍ଷମା ଦେବ ନାହିଁ। କିନ୍ତୁ ସଂରକ୍ଷଣବାଦୀମାନେ ଏତିକିରେ ସନ୍ତୁଷ୍ଟ ନୁହଁନ୍ତି। ସେମାନେ ସଂରକ୍ଷଣ ସୀମାକୁ ୫୦%ରୁ ଅଧିକ କରିବା ଲାଗି ଦାବି କରୁଛନ୍ତି। ତାମିଲନାଡୁ ଭଳି ରାଜ୍ୟରେ ଏହା ହୋଇସାରିଲାଣି। ରାହୁଲ ଗାନ୍ଧି ଅଭିଯୋଗ କରୁଛନ୍ତି ଯେ, ବିଜେପି ସରକାରରେ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି। କିନ୍ତୁ ସେ କହୁଛନ୍ତି କଂଗ୍ରେସ କ୍ଷମତାକୁ ଆସିଲେ ଜାତି ଭିତ୍ତିକ ଜନସଂଖ୍ୟା ଆଧାରରେ ସଂରକ୍ଷଣ ବ୍ୟବସ୍ଥା ହେବ ଏବଂ ୫୦% ସଂରକ୍ଷଣ ସୀମାକୁ ହଟାଇ ଦିଆଯିବ। ବାସ୍ତବରେ କିଏ ସମ୍ବିଧାନ ବିରୋଧୀ ତାହା ବିଚାରଯୋଗ୍ୟ। ଯେଉଁମାନେ ସଂରକ୍ଷଣ ସୀମା ୫୦%ରୁ ଅଧିକ କରିବା ଲାଗି ଦାବି କରୁଛନ୍ତି ସେମାନେ ନିଜ ଅଯୋଗ୍ୟତା ସମ୍ପର୍କରେ ଭଲଭାବେ ଜାଣିଛନ୍ତି ଏବଂ ଯୋଗ୍ୟତା ଆଧାରିତ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସେମାନେ ସଫଳ ହୋଇପାରିବେ ନାହିଁ ଭଲ ଭାବେ ଜାଣିଛନ୍ତି। କେବଳ ସେତିକି ନୁହେଁ, ସରକାରୀ ଶିକ୍ଷାନୁଷ୍ଠାନ ଏବଂ ଚାକିରୀରେ ପଦପଦବୀ ଏବେ ସଂରକ୍ଷଣବାଦୀଙ୍କ ଲାଗି ଯଥେଷ୍ଟ ହେଉନି। ସେମାନେ ଗତ କିଛି ବର୍ଷ ହେବ ଘରୋଇ ଶିକ୍ଷାନୁଷ୍ଠାନ ଏବଂ ଚାକିରୀରେ ସଂରକ୍ଷଣ ଲାଗି ଦାବି କରୁଛନ୍ତି। କାରଣ ଘରୋଇ କ୍ଷେତ୍ରରେ ସେମାନେ ଯୋଗ୍ୟତା ଆଧାରରେ ସେମାନେ ପ୍ରବେଶ କରିପାରୁନାହାଁନ୍ତି। ତେଣୁ କଳେ ବଳେ କୌଶଳେ ଘରୋଇ କ୍ଷେତ୍ରରେ ପ୍ରବେଶ କରିବା ସେମାନଙ୍କ ଲକ୍ଷ୍ୟ। କିଛି ରାଜନୈତିକ ଦଳ ମଧ୍ୟ ଏହାକୁ ସମର୍ଥନ କରୁଛନ୍ତି। କର୍ଣ୍ଣାଟକରେ କଂଗ୍ରେସ ସରକାର ଘରୋଇ କ୍ଷେତ୍ରରେ ସ୍ଥାନୀୟ ଯୁବକ ଯୁବତୀଙ୍କ ନିମନ୍ତେ ୭୫% ସଂରକ୍ଷଣ ବ୍ୟବସ୍ଥା ଲାଗି ଏକ ବିଲ ବିଧାନସଭରେ ଗୃହୀତ କରାଇଥିଲେ। କିନ୍ତୁ ଏହାକୁ ପ୍ରବଳ ବିରୋଧ ହେବାରୁ ଏବେ ରାଜ୍ୟ ସରକାର ଏହାକୁ ସ୍ଥଗିତ ରଖିଛନ୍ତି। ଘରୋଇ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ହେଲେ ବେଙ୍ଗାଲୁରୁ ଭଳି ଆଇଟି ସିଟିରେ ଥିବା ଅନେକ ବଡ଼ ବଡ଼ କମ୍ପାନୀ ସେଠାରୁ ହଟିଯିବେ। ଦେଶର ବିଭିନ୍ନ ରାଜ୍ୟରୁ ଅନେକ ମେଧାବୀ ଛାତ୍ରଛାତ୍ରୀ ସେଠାରେ ପଢୁଛନ୍ତି ଏବଂ ଚାକିରୀ କରୁଛନ୍ତି। ବେଙ୍ଗାଲୁରୁ ଗଠନରେ ସେମାନଙ୍କର ମଧ୍ୟ ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ବେଙ୍ଗାଲୁରୁ କେବଳ କନ୍ନଡ଼ଙ୍କ ନୁହେଁ, ଏହା ସାରା ଦେଶର। କେବଳ କର୍ଣ୍ଣାଟକବାସୀ ଏଠାରେ ଚାକିରୀ କରିବେ, ଏହା ସମ୍ଭବ ନୁହେଁ। ଏଭଳି ବିକୃତ ମାନସିକତା ଏବଂ ସଂକୀର୍ଣ୍ଣ ମାନସିକତା ଯୋଗୁ କଂଗ୍ରେସ ଦେଶର ବହୁତ କ୍ଷତି କରିଛି।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

**॥ ଡାକ୍ତର କାନ୍ତୀ ନାୟକ ॥**

> ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିଙ୍କୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ଘେରାଏ ପୃଥିବୀର ଅସରନ୍ତି ମଣିଷ

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି । ଦୂର ଯେତିକି, ନିକଟ ବି ସେତିକି । ଚିହ୍ନା ଯେତିକି, ଅଚିହ୍ନା ବି ସେତିକି । କୁଳାଣ ଯେତିକି ଅକୁଳଣ ବି ସେତିକି । ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ। ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ । ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଳଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା। ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ । ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ। ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ। କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଳଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ। ହଁ, କହିହେବ, ସ୍କୁଲ ଶିକ୍ଷାର ଅମିଳନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଙ୍ଗମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ। ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଚ୍ଛୁର କରିନଥିଲେ। ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚାର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଉଁ ଛୁଉଁ ଜନ୍ମମାଟି ବାଗଲପୁରକୁ ନଯାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ। ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ। ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ। ୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ । ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା। ଏକମାତ୍ର ପୁସ୍ତକ /ଦଲିଲ୍- "ଝଲିଛି ନିକର" (ଲେଖକ- ଶ୍ରୀ ନନିଗୋପାଲ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ। କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଅଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ। କାଳ ଲମ୍ବି ଲମ୍ବି ଯାଉଥିବ । ଚିହ୍ନମାନ କେଜାଣି ହଜିଯିବେ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ। ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ। ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଲୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ। ଗଡ଼୍‌ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା। ପାଦରେ ଝଲି ଝଲି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା। ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ। ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା। ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ। ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ। କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ । ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖିନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ । ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ। ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା। ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଲି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ। ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ"। ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ। ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଳଖ ଭାବରେ, ବଡ଼ ନିଦା ଭାବରେ। ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି !

**ବିଷମ କଟକ, ରାୟଗଡ**

# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା


**॥ ବାଦଲ ଭୂୟାଁ ॥**

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ୍ୟ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ଼ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ୍ୟ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ୍ୟ କଟକଣା ଭିତରେ ରଖାଯିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# ଟଙ୍କା ଠକି ନେଇଥିବା ଶିକ୍ଷକ କୋର୍ଟ ଚାଲାଣ



**ବରୀ,(ମହାଭାରତ) :** ବରୀ ଶିକ୍ଷା ମଣ୍ଡଳ ଅଧିନସ୍ଥ ପାଲଟପୁର ଇଉଜିଏମଇ ସ୍କୁଲର ଶିକ୍ଷକ ରାମ ଚନ୍ଦ୍ର ଦାରୁଆ ଚାକିରି କରାଇ ଦେବା ନାଁରେ ଏକ କୋଟିରୁ ଉର୍ଦ୍ଧ ଟଙ୍କା ବରୀ ଅଂଚଳର ବିଭିନ୍ନ ଲୋକଙ୍କ ଠାରୁ ଠକି ନେଇଥିଲେ। ପ୍ରକାଶ ଥାଉକି ୨୦୨୩ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ପଂଚାୟତରେ ପିଇଓ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଶିକ୍ଷକ ଶ୍ରୀ ଦାରୁଆ ଏହି ପଦବୀରେ ନିଯୁକ୍ତି ଦେବ କହି ଆବେଦନକାରି ମାନଙ୍କ ଠାରୁ କୋଟିଏରୁ ଉର୍ଦ୍ଧ ଟଙ୍କା ନେଇଥିଲା। ପରବର୍ତୀ ସମୟରେ ନିଯୁକ୍ତି ତାଲିକା ପ୍ରକାଶ ପାଇବା ପରେ ଅର୍ଥ ଦେଇଥିବା ବ୍ୟକ୍ତି ମାନଙ୍କ ନାମ ଉକ୍ତ ତାଲିକାରେ ନଥିବାରୁ ସେମାନେ ଠକାମିର ଶିକାର ହୋଇଛନ୍ତି ବୋଲି ଜାଣିବାକୁ ପାଇଥିଲେ। ପରବର୍ତୀ ଅବସ୍ଥାରେ ପାଲଟପୁର ଗ୍ରାମର ବିଭୁତିଭୁଷଣ ଜେନା , ବିଶ୍ୱଜିତ ରାଉତ, ସୁରେନ୍ଦ୍ର ନାୟକ ଓ ନିର୍ମଳ ଜେନା ପ୍ରମୂଖ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରିବରୀ ପୋଲିସ କେଶ୍ ନମ୍ବର ୧୨/୨୦୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ଶ୍ରୀ ଦାରୁଆ ପୋଲିସ୍ ଭୟରେ ଚାକିରି ସ୍ଥାନ ଛାଡି ଫେରାର ହୋଇଯାଇଥିଲେ। ମାତ୍ର ଦାରୁଆଙ୍କୁ ଅର୍ଥ ଦେଇଥିବା ବ୍ୟକ୍ତି ମାନେ କୌଶଳ କ୍ରମେ ତାଙ୍କୁ ଗତ କାଲି ଭୁବନେଶ୍ୱର ଠାରେ ଠାବ କରିବା ସହିତ ତାଙ୍କୁ ଯାଜପୁର ଜିଲ୍ଲା ଆରକ୍ଷ ଅଧିକ୍ଷକଙ୍କ ନିକଟରେ ପହଂଚାଇଥିଲେ। ଘଟଣାଟି ବରୀ ଅଂଚଳରେ ଘଟିଥିବାରୁ ଜିଲ୍ଲା ପୋଲିସ୍ କାର୍ଯ୍ୟାଳୟ ତରଫରୁ ତାଙ୍କୁ ବରୀ ପୋଲିସ୍ କୁ ହସ୍ତାନ୍ତର କରାଯାଇଥିଲା। ଚାକିରି କରାଇ ଦେବା କହି ଲୁଟିଥିବା ବ୍ୟକ୍ତି ଓ ଅର୍ଥ ଦେଇଥିବା ବ୍ୟକ୍ତି ମାନଙ୍କ ଉପସ୍ଥାିତିରେ ବରୀ ପୋଲିସ ଦୀର୍ଘ ସମୟ ପଚରା ଉଚୁରା କରିବା ପରେ ଶ୍ରୀ ରାମଚନ୍ଦ୍ର ଦାରୁଆକୁ କୋର୍ଟ ଚାଲାଣ କରିଛି।

# ବାଇକ୍ ବୋଲେରୋ ମୁହାଁ ମୁହିଁ ଧକ୍କା ; ଜଣେ ମୃତ ଜଣେ ଗୁରୁତର

## ଉତେଜନା ହୋଇ ଲୋକେ ରାସ୍ତା ରୋକ

**କନ୍ଧମାଳ,(ମହାଭାରତ) :** ଖଜୁରୀପଡ଼ା ଥାନା ଅନ୍ତର୍ଗତ ଲମ୍ବାଗୁଡ଼ି ନାଳ, ପୋଲ ନିକଟରେ ସୋମବାର ଦିନ ଅପରାହ୍ନ ବେଳେ ବାଇକ୍ ବୋଲେରୋ ମୁହାଁ ମୁହିଁ ଧକ୍କା ହେବା ଦ୍ୱାରା ଜଣେ ମୃତ ହେବା ସହିତ ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ଡାକ୍ତର ଖାନାଭର୍ତ୍ତି କରାଯାଇଛି । ସୂଚନା ପ୍ରକାରେ ଲମ୍ବାଗୁଡ଼ି ଗ୍ରାମର ଆଶିଷ ଜାନି (୧୭)ଏବଂ ମୋହିତ ମଲ୍ଲିକ ସ୍ଥାନୀୟ ଲ୍ୟାମ୍ ସିଏ ସ୍ ସାର ବିକ୍ରୟ କେନ୍ଦ୍ର କୁ ହିରୋ ଏଚ. ଏଫ୍ ଡିଲେକ୍ସ ବାଇକ୍ ନଂ ଓଆର୍ ୧୨ ବି ୨୨୮୭ ରେ ଦୃତି ମେଣ୍ଟି ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବୋଲେରୋ ଗାଡ଼ି ନଂ ଓଡି ୧୨ ୧୩୯୮ ସହିତ ଲମ୍ବା ଗୁଡ଼ି ନାଳ ନିକଟରେ ମୁହାଁ ମୁହିଁ ଧକ୍କା ହେବା ପରେ ଘଟଣା ସ୍ଥଳରେ ଆଶିଷ ଜାନି ର ମୃତ୍ୟୁ ହୋଇଥିବା ବେଳେ ମୋହିତ ମଲ୍ଲିକଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଫୁଲବାଣୀ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି । ଅନ୍ୟପଟେ ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇ ଯାଇଛି। ଏ ନେଇ ଗ୍ରାମବାସୀ ଉତ୍ତେଜନା ହୋଇ ଫୁଲବାଣୀ ଠାରୁ ରାଜଧାନୀ ଭୁବନେଶ୍ୱର କୁ ସଂଯୋଗ କରୁଥିବା ୫୭ ନଂ ଜାତୀୟ ରାଜପଥ ଏବଂ ସମ୍ବର ଡେଗା ଠାରୁ ସୁଦ୍ରୁକୁମ୍ପା ରାସ୍ତା କୁ ସମ୍ବର ଡେଗା ଠାରେ ଦୁଇ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ । ଖବର ପାଇବା ପରେ ଘଟଣା ସ୍ଥଳକୁ ତହସିଲଦାର ଶ୍ରୀ ସୌମ୍ୟ ରଞ୍ଜନ ପାତ୍ର,ଅତିରିକ୍ତ ତହସିଲଦାର ବ୍ରହ୍ମା ନନ୍ଦ ଆଟି,ରାଜସ୍ୱ ନୀରିକ୍ଷକ ଅଧିକାରୀ ମାନସ ସାହୁ, ସମେତ ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ ପହଞ୍ଚି ଉତ୍ୟକ୍ତ ଲୋକ ଙ୍କୁ ବୁଝା ଶୁଝା କରିଥିଲେ। କ୍ଷତି ପୂରଣ ବାବଦକୁ ରେଡକ୍ରସ ପାଣ୍ଠି ରୁ ଦଶହଜାର ଦେବା ସହିତ ମୃତକ ଙ୍କ ପାରିବାର କୁ କ୍ଷତି ପୁରଣ ରାଶି ଦେବାକୁ ପ୍ରତିଶୃତି ତହସିଲଦାର ଦେବା ପରେ ରାସ୍ତା ରୋକ୍ ହଟିଥିଲା ।



# ଦେବଗଡ଼ରେ ଇଂରାଜୀ ବକ୍ତୃତାଓ କୌତୁକ୍ ପୋଷାକ ପ୍ରତିଯୋଗିତା



**ଦେବଗଡ଼,(ମହାଭାରତ) :** ମଙ୍ଗଳବାରଦିନ ସ୍ୱାଧୀନତା ଦିବସ ଉପଲକ୍ଷେ ଦେବଗଡ ଜିଲ୍ଲା ପ୍ରଶାସନ ଓ ଜାଗରଣ ଆର୍ଟ ଇଣ୍ଟରନେସନାଲ ମିଳିତ ଆନୁକୂଲ୍ୟରେ ଦେବଗଡ ର ସଂସ୍କୃତି ଭବନ ଠାରେ କୌତୁକ ପୋଷାକ ଓ ସୂଚନା କେନ୍ଦ୍ର ଠାରେ ଇଂରାଜୀ ବକ୍ତୃତା ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। କୃତି ପ୍ରତିଯୋଗୀ ସ୍ୱାଧୀନତା ଦିବସ ପ୍ୟାରେଡ଼ ପଡିଆରୁ ପୁରସ୍କାର ଗ୍ରହଣ କରିବେ। କୌତୁକ ପୋଷାକ ପ୍ରତିଯୋଗୀତା ରେ ୧୨୩ ଜଣ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗୀତାରେ ୫୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୌତୁକ ପୋଷାକ ପ୍ରତିଯୋଗୀତା ରେ ସବଜୁନିୟର ସ୍ତରରେ ଡିଭାଇନ ପବ୍ଲିକ ସ୍କୁଲ ର ସୋମେଶ ରାଉତ ୧ମ, ଚିନ୍ମୟ ବିଦ୍ୟାଳୟର ରିଆନ ସେନାପତି ୨ୟ, ଡିଭାଇନ ପବ୍ଲିକ ସ୍କୁଲର ଦେବ ଦିପିୟାନ ଶତପଥୀ, ଡାନିଏଲ ପବ୍ଲିକ ସ୍କୁଲର ପ୍ରତୀକ କୁମାର ସାହୁ ୩ୟ, ଜୁନିୟର ସ୍ତରରେ ଚିନ୍ମୟ ବିଦ୍ୟାଳୟର ସାନଭି ହରିଚନ୍ଦନ ୧ମ, ଡାନିଏଲ ପବ୍ଲିକ ସ୍କୁଲର ବାପି ଦେହୁରୀ ୨ୟ, ଡିଭାଇନ ପବ୍ଲିକ ସ୍କୁଲ ର ଅଭି ଅଗ୍ନେଶ ଖଡିରନ୍, କେନ୍ଦ୍ରୀୟ ବିଦ୍ୟାଳୟର ଅନିକେତ ରାଜଗୁରୁ ୩ୟ, ସିନିୟର୍ ସ୍ତରରେ ଚିନ୍ମୟ ବିଦ୍ୟାଳୟର ସାଇ ସାନିଧ୍ୟା ଅମାତ୍ୟ ୧ମ, ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ଜ୍ୟୋତି ରାଣୀ ସାହୁ, ନୋଟରି ଡେମ ଏକାଡେମୀ ର ଅର୍ଚ୍ଚିତା ଖିଲାର ୨ୟ, କେନ୍ଦ୍ରୀୟ ବିଦ୍ୟାଳୟର ର ଅନ୍ୱେଷ ଦେହୁରୀ ୩ୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଇଂରାଜୀ ବକ୍ତୃତା ପ୍ରତିଯୋଗୀତାରେ ମଧ୍ୟ ଇଂରାଜୀ ସ୍ତରର କେନ୍ଦ୍ରୀୟ ବିଦ୍ୟାଳୟର ଅପୂର୍ବା ଅପରୂପା ସାହୁ ୧ମ, ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ଶୁଶ୍ରୀ ସୋନାଲିସା ଦାସ, କେନ୍ଦ୍ରିୟ ବିଦ୍ୟାଳୟର ଶ୍ରେୟାଂଶ୍ରୀ ଗୁରୁ ୨ୟ, ଡିଭାଇନ ପବ୍ଲିକ ସ୍କୁଲର ନିବେଦିତା ସାହୁ ୩ୟ, ଉଚ୍ଚ ବିଦ୍ୟାଳୟ ସ୍ତରର ନଟୋରି ଡେମ ଏକାଡେମୀ ର ଅଦିତ୍ୟ ମାଟିଆରି ୧ମ, କେନ୍ଦ୍ରିୟ ବିଦ୍ୟାଳୟର ଦେବିକା ଦାସ, ନଟୋରି ଡେମ ଏକାଡେମୀ ର ସୌମ୍ୟରଞ୍ଜନ ମହାପାତ୍ର ୨ୟ, କେନ୍ଦ୍ରୀୟ ବିଦ୍ୟାଳୟର ଡୋନାଲ୍ଡ ପ୍ରଧାନ ୩ୟ, ମହାବିଦ୍ୟାଳୟ ସ୍ତରରେ କେନ୍ଦ୍ରୀୟ ବିଦ୍ୟାଳୟର ଦୁରଗେସ ନନ୍ଦିନୀ ପଟ୍ଟନାୟକ ୧ମ, ଆଦର୍ଶ ମହାବିଦ୍ୟାଳୟ ର ସଙ୍ଗିତରାଜ ପଟ୍ଟନାୟକ ୨ୟ, ଦେବଗଡ଼ ମହାବିଦ୍ୟାଳୟ ର କୀର୍ତ୍ତି ସିଂ ୩ୟ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ବିଚାରକ ଭାବେ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ସମୀର ରଞ୍ଜନ ପ୍ରଧାନ, ପ୍ରଫୁଲ୍ଲ ନାଏକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମହାପାତ୍ର, ଇଂରାଜୀ ଅଧ୍ୟାପକ ଦେବଗଡ଼ ମହିଳା ମହା ବିଦ୍ୟାଳୟର ସୁନୀଲ କୁମାର ଦାଶ, ଇଂରାଜୀ ଅଧ୍ୟାପକ ଦେବଗଡ଼ ମହା ବିଦ୍ୟାଳୟ ପ୍ରମୋଦ କୁମାର ଡୁଙ୍ଗଡୁଙ୍ଗ କାର୍ଯ୍ୟ ତୁଲାଇଥିଲେ । ଜାଗରଣ ଆର୍ଟ ଇଣ୍ଟରନେସନାଲ ର ସମ୍ପାଦକ ସୁଜିତ ପାତ୍ର, ଉପସଭାପତି ପ୍ରକାଶ ଦେବତା, ଜାଗରଣ ଆର୍ଟ ଇଣ୍ଟରନେସନାଲ ର ସଦସ୍ୟ ରାକେଶ କୁମାର ଶତପଥି, ବିଶାଲ କୁମାର ନାଏକ, ଆଶୁତୋଷ ପୂଜାରି, ଶୁଭମ ମହାକୁଳ, ବିଷ୍ଣୁପ୍ରିୟା ଗଡତିୟା, ଚୁମୁକି ଭେଲେଇ, ରେସମା ମିଞ୍ଜ କୌତୁକ ପୋଷାକ କାର୍ଯ୍ୟକ୍ରମକୁ ସହଯୋଗ ଓ ଶିବାଶିଷ ଝାଙ୍କର ମଞ୍ଚକୁ ଚଳାଇ ଥିଲେ। ଦେବଗଡ ରୁ ସୁଦାମ ବେହେରା ଙ୍କ ରିପୋର୍ଟ।

# ନିଖିଳ ଉତ୍କଳ ପ୍ରାଥମିକ ଫେଡେରେସନର ରାଜ୍ୟ ଉପସଭାପତି ହେଲେ ବୈଷ୍ଣବ ଦୁରିଆ




**ଖଡ଼ିଆଲ,(ମହାଭାରତ) :** ନିଖିଳ ଉତ୍କଳ ପ୍ରାଥମିକ ଫେଡେରେସନ ରାଜ୍ୟ ପରିଷଦ ବୈଠକ ଓ ସାମ୍ବିଧାନିକ ସମ୍ମିଳନୀ ର ବୈଠକ ପୁରୀ ସହର ସ୍ଥିତ ଶ୍ରୀ ଗୁଣ୍ଡିଚା ଭକ୍ତ ନିବାସ ଠାରେ ଅନୁଷ୍ଠିତ ହୋଇଯାଇଛି ଉକ୍ତ ବୈଠକରେ ବିଭିନ୍ନ ଆଲୋଚନା ମାନ ପ୍ରସ୍ତାବ ଗୃହୀତ ହେବା ପରେ ରାଜ୍ୟପରିଷଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଶିକ୍ଷକ ସଂଘ ସଭାପତି ଶ୍ରୀ ବୈଷ୍ଣବ ଦୁରିଆ ରାଜ୍ୟ ଉପ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି । ଶ୍ରୀ ଦୁରିଆ ଉପସଭାପତି ନିର୍ବାଚିତ ହେବାପରେ ନୂଆପଡ଼ା ଜିଲ୍ଲା ଶିକ୍ଷକ ମହଲରେ ଖୁସିର ଲହରୀ ଖେଳିଯାଇଥିବା ସହ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି । ସୂଚନା ଥାଉକି ନୂଆପଡ଼ା ଜିଲ୍ଲାର ଶ୍ରୀଦୁରିଆ ଗତ ନିର୍ବାଚନରେ ରାଜ୍ୟ ଜୋନାଲ ସମ୍ପାଦକ ଥିବାସହ ବୋଡ଼େନ ବ୍ଲକ ସିଆରସିସି ୟୁନିଅନ ସଭାପତି, ନୂଆପଡ଼ା ଜିଲ୍ଲା ଏସ.ଟି.ଏସ.ସି କର୍ମଚାରୀ ସଂଘର ଉପସଭାପତି ଭାବରେ କାର୍ଯ୍ୟ କରିଛନ୍ତି । ଆଜିକାର ସାମ୍ବିଧାନିକ ସଭାରେ ୨୫ଗୋଟି ଜିଲ୍ଲାର କର୍ମକର୍ତା ଯୋଗଦାନ କରିଥିଲେ । ଉକ୍ତ ସଭାରେ ନୂଆପଡ଼ା ଜିଲ୍ଲାରୁ ଜିଲ୍ଲା ଶିକ୍ଷକ ସଭାପତି ଯଶୋବନ୍ତ ପଣ୍ଡା, ସମ୍ପାଦକ ଧନୁ ବାଗ, ଭରତ ବାଗ, ସ୍ୱର୍ଣ୍ଣପ୍ରଭା ଦୁରିଆ, ଚକ୍ର କୈବର୍ତ୍ତ, କୁନ୍ତୀ ଶବର, ଚୁରଣ ସାହୁ ଓ ସଞ୍ଜୟ ପାଢ଼ୀ ଯୋଗଦାନ କରିଥିଲେ ।

# ଜିଲ୍ଲା କୃଷି ବିଭାଗର କର୍ମଚାରୀଙ୍କ ବଦଳି କେବେ ?

**ଗଜପତି,(ମହାଭାରତ) :** ଜିଲ୍ଲାରେ କାର୍ଯ୍ୟରତ କୃଷି ବିଭାଗ ର କର୍ମଚାରୀ ଙ୍କ ବଦଳି ଦୀର୍ଘ ବର୍ଷ ହେବା ବଦଳି ନ ହେବା ର ଦେଖିବକୁ ମିଳିଛି। ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ରେ କାର୍ଯ୍ୟରତ ଅଫିସ କର୍ମଚାରୀ ମାନେ ଦୀର୍ଘ ବର୍ଷ ହେଲା ବଦଳି ନ ହେବା ସମସ୍ତଙ୍କୁ ଚକିତ କରିଛି। ପଦୋନ୍ନତି ହେଲେ ମଧ୍ୟ ସେ ଜାଗାରେ ହିଁ କାର୍ଯ୍ୟରତ ଅଛନ୍ତି। ବଦଳି ହେଲେ ମଧ୍ୟ ବଦଳି ରୁ ପ୍ରମୋସନ ହୋଇ ସେହି ଜାଗାରେ କାର୍ଯ୍ୟରତ ଥିବା ର ଦେଖିବାକୁ ମିଳିଛି। ସେହି ଭଳି କ୍ଷେତ୍ର କର୍ମଚାରୀ ଙ୍କ ବଦଳି ମଧ୍ୟ ଦୀର୍ଘ ବର୍ଷ ହେଲା ହଉ ନଥିବା ଦେଖିବାକୁ ମିଳିଛି। ସରକାର ୫ଟି ମୋ ସରକାର କହୁ ଥିବା ବେଳେ ସ୍ୱଚ୍ଛତା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରିଛି ? ପ୍ରକାଶ ଥାଉ କୀ ତିନି ବର୍ଷ ପରେ କର୍ମଚାରୀ ଙ୍କୁ ବଦଳି ହେବା କଥା କିନ୍ତୁ ୧୦ ବର୍ଷ ହେଲା କାର୍ଯ୍ୟରତ ଅଛନ୍ତି ବଦଳୀ ନ ହେବା ସ୍ୱଚ୍ଛତା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରିଛି ?

# ସାର୍ଥକ ଦ୍ୱାରା ଆୟୋଜିତ ରଜକୁଇନରେ ରାଜ୍ୟ ଟପ୍ପର ସାଇ ସନ୍ତୋଷିନୀ



**ଦଶରଥପୁର,(ମହାଭାରତ) :** ଦଶରଥପୁର ବ୍ଲକ ଅକରପଡା ପଞ୍ଚାୟତସ୍ତ ଆନ୍ଦୋଳା ଗ୍ରାମର ସାଇ ସନ୍ତୋଷିନୀ ଜେନା ଜିସାର୍ଥକ ପରିବାର ତରଫରୁ ଆୟୋଜିତ ରଜ କୁଇନ ପ୍ରତିଯୋଗିତାରେ ସାରା ଓଡ଼ିଶାର ଅନ୍ୟ ପ୍ରତିଯୋଗୀ ଝିଅ ମାନଙ୍କୁ ପଛରେ ପକାଇ ଟପ୍ପର ହୋଇ ସାରା ଓଡ଼ିଆ ତଥା ଦଶରଥପୁର ବ୍ଲକ ପାଇଁ ଗୌରବ ଆଣିବାରେ ସଫଳ ହୋଇଛନ୍ତି । ପ୍ରକାଶଯୋଗ୍ୟ ସାଇ ସନ୍ତୋଷିନୀ ବିଜୟ କୁମାର ଜେନା ଓ ସୁଦେଶ୍ନା ଜେନାଙ୍କ ଝିଅ ହୋଇଥିବା ବେଳେ ଯାଜପୁର ସ୍ଥିତ ନୃସିଂହ ଚୌଧୁରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବିସିଏ ଛାତ୍ରୀ ଅଟନ୍ତି । ସାଇଙ୍କର ଏହି ସଫଳତା ପାଇଁ ସାଇଙ୍କୁ ଜିସାର୍ଥକ ପରିବାର ତରଫରୁ ଏକ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥବାବେଳେ ସେନକୋ ଅଳଙ୍କାର ତରଫରୁ ସୁନା ହାର ଓ କାନଫୁଲ ପ୍ରଦାନ କରାଯାଇଛି । ୧୮ବର୍ଷୀୟା ସାଇ ସନ୍ତୋଷିନୀ ତାଙ୍କ ବାପା ବିଜୟ, ମାତା ସୁଦେଶ୍ନା, ଜେଜେ ପୂର୍ଣଚନ୍ଦ୍ର ଜେନାଙ୍କୁ ତାଙ୍କର ସଫଳତାର ଶ୍ରେୟ ଦେଇଛନ୍ତି । ଯାଜପୁରର ଅଧିଷ୍ଠାତ୍ରୀ ଦେବି ମା ବିରଜାଙ୍କ ଆଶୀର୍ବାଦ ତଥା ପରିବାରର ସ୍ନେହ ମମତା ଓ ସହଯୋଗ ପାଇଁ ଏହି କଠିନ ତମ ସଫଳତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରି ଛନ୍ତି ବୋଲି ସାଇ ସନ୍ତୋଷିନୀ ତାଙ୍କ ପ୍ରତିକ୍ରିୟାରେ କହିବା ସହ ସେ ଭଗବାନ କୃଷ୍ଣଙ୍କର ପରମ ଭକ୍ତ ବୋଲି କହିଥିଲେ ।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା


**କପ୍ତିପଦା,(ମହାଭାରତ) :** କପ୍ତିପଦା -କପ୍ତିପଦା ଥାନା ଡିବାସାହି ଗ୍ରାମର ନିତ୍ୟାନନ୍ଦ ପାତ୍ରଙ୍କ ପୁଅ ଦୀପକ ପାତ୍ର (୩୦)ଗତ ବିଳମ୍ବିତ ରାତ୍ରିରେ ଶାଢ଼ୀ ରେ ରାଶି ଲଗାଇ ଆତ୍ମହତ୍ୟା କରିଛନ୍ତି, ଗାନ୍ଧୀ ଛକ ନିକଟରେ ନିଜ ରଙ୍ଗ ଦୋକାନ ପାଇଁ ଗାଁ ମହାଜନ ଠାରୁ କରଜ ନେଇଥିଲେ, ଦୋକାନରେ କାରବାର ହେଉ ନଥିବା ବେଳେ ଦୀର୍ଘ ଦିନ ଧରି କରଜ ସୁଝିବାକୁ ଅସମର୍ଥ ହୋଇଥିଲେ, ତେବେ ସେହି ଟଙ୍କା କୁ ନେଇ ଗତକାଲି ଦୁଇଜଣଙ୍କ ମଧ୍ୟରେ ବଚସା ସୋଇଥିଲା,ସେହି କଥାକୁ କେନ୍ଦ୍ର କରି ଗତ ବିଳମ୍ବିତ ରାତ୍ରରେ ସେ ଆତ୍ମହତ୍ୟା କରିଥିବା ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।




# ସ୍ଥାୟୀ ନିଯୁକ୍ତି ଦାବିରେ ଆଇପିଏଲ କମ୍ପାନୀ ସାମ୍ନାରେ ଶ୍ରମିକଙ୍କ ବିକ୍ଷୋପ

**ଜୁନାଗଡ,(ମହାଭାରତ) :** ଓଡିଶାର ଜିଲ୍ଲା ମାନଙ୍କରେ ଅନ୍ୟତମ ପଛୁଆ ଜିଲ୍ଲା କଳାହାଣ୍ଡି । ଏହି ଜିଲ୍ଲାକୁ ଶିଳ୍ପବିହିନ ଜିଲ୍ଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୁରୁଶିଳ୍ପ ଭାବରେ ଏକ ମାତ୍ର କମ୍ପାନୀ ଲାଞ୍ଜିଗଡରେ ଥିବାବେଳେ ସମ୍ପ୍ରତି ଜୁନାଗଡ଼ ବ୍ଲକର ତଳଜାରିଂରେ ମଧ ତିନୋଟି ଶିଳ୍ପ କାରଖାନା ଆରମ୍ଭ ହୋଇଛି । ତନ୍ମମଧ୍ୟରୁ ଆଇ.ପି.ଏଲ କଂପାନୀ ଅନ୍ୟତମ । ଏଠାରେ ଜିଲ୍ଲାର ଅନେକ ଲୋକ ଶ୍ରମ ଭିତ୍ତିକ କାର୍ଯ୍ୟ କରି ଆସୁଥିଲେ । ସେହି ଶ୍ରମିକ ମାନଙ୍କୁ କମ୍ପାନୀ ବେପରୁଆ ଭାବରେ ଛଟାଇ କରିଦେବା ଯୋଗୁଁ ଶ୍ରମିକ ମାନେ କର୍ମ ସଂସ୍ଥାନ ଅଭାବରୁ ହନ୍ତସନ୍ତ ହେଲେଣି। ଶ୍ରମିକ ମାନେ ନିଜର ସ୍ଥାୟୀ ନିଯୁକ୍ତି ପାଇଁ ଆଜି ଆଇ.ପି.ଏଲ ଶିଳ୍ପ କାରଖାନା ସମ୍ମୁଖରେ ଏକଜୁଟ ହୋଇ ଆନ୍ଦୋଳନ ମୁହାଁ ହୋଇଛନ୍ତି। ନିଜର ସମସ୍ୟାକୁ ସଂପୃକ୍ତ ଶ୍ରମିକ ମାନେ ବିଗତ ଦିନରେ ଜିଲ୍ଲା ଶ୍ରମ ଅଧିକାରୀ,ଜିଲ୍ଲାପାଳ ଓ କଂପାନୀ କର୍ତ୍ତୃପକ୍ଷ ଜାଯାଇଥିଲେ ମଧ କୌଣସି ସୁଫଳ ପାଇ ପାରି ନାହାଁନ୍ତି। ଶ୍ରମିକଙ୍କ ଧାରଣା ସମୟରେ ସ୍ଥାନୀୟ ପୋଲିସ ମଧ ନାଲି ଆଖି ଦେଖାଇ ଥିବା ଶ୍ରମିକ ମାନେ ଅଭିଯୋଗ କରିଛନ୍ତି। ଏହାର ଆସୁ ସମାଧାନ ନ ହେଲେ ଆଗାମୀ ଦିନରେ ଭୟା ଭୟ ଆନ୍ଦୋଳନ ହେବ ବୋଲି ପ୍ରତିକ୍ରିୟା ରଖିଥିଲେ। ସଂପୃକ୍ତ କମ୍ପାନୀର ଶ୍ରମିକ ମାନେ ଧାରଣ ଜାରି ରହିଥିବା ବେଳେ ସ୍ଥାନୀୟ ମାଜିଷ୍ଟ୍ରେଟ ତହସିଲଦାର ସମ୍ମୁଖରେ କମ୍ପାନୀ କର୍ତ୍ତୃପକ୍ଷ,ଆସନ୍ତା ୧୨ ତାରିଖରେ ଏନେଇ ସମାଧାନ କରାଯିବ ବୋଲି ଲିଖିତ ଆକାର ମନ୍ତବ୍ୟ ରଖିଥିବା ସୁଚନା ମିଳିଛି।

# ଶିଶୁ ଓ ମହିଳା ମହୋତ୍ସବ ୨୦୨୪ରେ ପାରଳାଖେମୁଣ୍ଡିର ଦୁଇ ଛାତ୍ରୀଙ୍କ କୃତିତ୍ୱ





**ପାରଳାଖେମୁଣ୍ଡି,(ମହାଭାରତ) :** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ୪୪ ତମ ଜାତୀୟ ଶିଶୁ ଓ ମହିଳା ମହୋତ୍ସବ ୨୦୨୪ରେ ପାରଳାଖେମୁଣ୍ଡି ର ପୁରାତନ ନୃତ୍ୟ ଅନୁଷ୍ଠାନ ମୀରାକେଲ୍ ଡ୍ୟାନ୍ସ ଗ୍ରୁପର ୨ ଜଣ ଛାତ୍ରୀ ଯଥା ସୁଶ୍ରୀ ସୋଲନୀ ପଣ୍ଡା ଓ ସୁଶ୍ରୀ ଅନନ୍ୟା ପ୍ରଧାନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଛନ୍ତି। ସୁଶ୍ରୀ ସୋଲନୀ ପଣ୍ଡା ସୁନ୍ଦରୀ ପ୍ରତିଯୋଗିତାରେ ଓ ସୁଶ୍ରୀ ଅନନ୍ୟା ପ୍ରଧାନ ନୃତ୍ୟରେ କୃତିତ୍ୱ ହାସଲ କରିଛନ୍ତି। ଏହି ଦୁଇ କୃତି ଛାତ୍ରୀ ସେପ୍ଟେମ୍ବର ୮ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପୁରସ୍କୃତ ହେବେ। ଏହି ଦୁଇ ଛାତ୍ରୀ ବର୍ତ୍ତମାନ ପାରଳାଖେମୁଣ୍ଡିର ଗୌରବ ଆଣିଛନ୍ତି। ଏଥିପାଇଁ ଦୁଇଛାତ୍ରୀ, ପରିବାରବର୍ଗ , ନୃତ୍ୟଗୁରୁ,ଜିଲ୍ଲାବାସୀ, ବୁଦ୍ଧିଜୀବୀ, କଳା ପ୍ରେମୀ ତଥା ଅଭିଭାବକ ମହଲରେ ବେଶ ଖୁସିର ଲହରୀ ଖେଳିଯାଇଛି।

# ସୌମେନ୍ଙ୍କୁ ସ୍ୱର୍ଣ୍ଣପଦକ ସହ 'ଷ୍ଟ୍ରଙ୍ଗ୍‌ମ୍ୟାନ୍' ଆଖ୍ୟା





**ଚିଲିକା,(ମହାଭାରତ) :** ଚଳିତମାସ ୩ ଓ ୪ ତାରିଖରେ ୨ୟଓଡ଼ିଶା କ୍ଲବ୍ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା, ଉତ୍କଳ କରାଟେ ସ୍କୁଲ୍, ଭୁବନେଶ୍ୱର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲୁଗାଁ କାଟୋସ୍ ଜିମ୍‌ର ଏକମାତ୍ର ଖେଳାଳୀ ସୌମେନ୍ ସେନାପତି ଜୁନିୟର୍ ପୁରୁଷ ୬୬କେଜି ବର୍ଗରେ ଅଶଂଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟରୁ ପାଖାପାଖି ଦେଢଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗି ଭାଗ ନେଇଥିଲେ। ସୌମେନ୍ ନିଜ ବର୍ଗରେ ୫୬୫କେଜି ଭାର ଉତ୍ତୋଳନ କରି ସହ ସ୍ୱର୍ଣ୍ଣପଦକ ସହ ପୁରୁଷ ଷ୍ଟ୍ରଙ୍ଗମ୍ୟାନ୍ ଆଖ୍ୟା ଅର୍ଜନ କରିଛନ୍ତେ ଏବଂ ଅର୍ଥରାଶିରେ ପୁରସ୍କୃତ ହୋଇଛନ୍ତି। ଏହା ପୂର୍ବରୁ ସେ ଜାତୀୟ ସ୍ତରରେ ଅଂଶଗ୍ରହଣ କରି ବେଞ୍ଚ୍ ପ୍ରେସ୍ କ୍ୟେଟେଗୋରୀରେ ସ୍ୱର୍ଣ୍ଣପଦକ ହାସଲ କରିବା ସହ ଜାତୀୟ ରେକର୍ଡ଼ ଭଙ୍ଗ କରିଛନ୍ତି। ସୌମେନ୍‌ଙ୍କ ସଫଳତା ପାଇଁ କୋଚ୍ ଦୀପକ କୁମାର ସାମନ୍ତରାୟ ଅତି ଭାବବିହ୍ୱଳ ହୋଇ କହିଛନ୍ତି ସେ ନିଜ ପାଠପଢା ସହ ଖେଳ ପାଇଁ ଅକ୍ଲାନ୍ତ ପରିଶ୍ରମ କରି ଆଜି ଯେଉଁ କୃତିତ୍ୱ ଆଣିଛନ୍ତି ତାହା ସବୁଦିନ ପାଇଁ ସ୍ମରଣୀୟ ହୋଇରହିବ ଏବଂ ଆସନ୍ତା ଏସିଆ ପ୍ରତିଯୋଗିତାରେ ସୌମେନ୍ ଅଂଶଗ୍ରହଣ କରି ଦେଶ ତଥା ରାଜ୍ୟ ଉଦ୍ଦେଶ୍ୟରେ ପଦକ ହାସଲ କରିବେ ବୋଲି ଯୁକ୍ତି ବାଢିଛନ୍ତି। ସୌମେନ୍‌ଙ୍କ କୃତିତ୍ୱ ପାଇଁ ନିଜ ପରିବାର ସହ ଅଞ୍ଚଳବାସୀ, କ୍ରୀଡ଼ାପ୍ରେମୀ ଏବଂ କାଟୋସ୍ ଜିମ୍‌ର ପ୍ରତିଷ୍ଠାତା ଡ଼ଃ ମାନସ ମୋହନ ବଳିୟାରସିଂ ଶୁଭେଚ୍ଛା ଜଣାଇଛନ୍ତି।

# ଘୁଡ଼ା ବୁଡ଼ା ନାଳରେ ଭାସିଗଲେ କଲେଜ ଛାତ୍ରୀ

## ଉଦ୍ଧାର କାର୍ଯ୍ୟ ଜାରି ରହିଛି

**ଅନୁଗୋଳ,(ମହାଭାରତ) :** ଲଗାଣ ବର୍ଷା ରେ ଅନୁଗୋଳ ସହର ଓ ଏହାର ଆଖପାଖ ଅଞ୍ଚଳ ଜଳମଗ୍ନ ହୋଇ ଯାଇଛି । ଅଧିକାଂଶ ନଦୀ ନାଳରେ ବଢି ପାଣି କୁଳ ଖାଉଛି । ଏଭଳି ଅବସ୍ଥାରେ କଲେଜ୍ ଯାଇ ଘରକୁ ଫେରିବା ବାଟରେ ନାଳ ପାର ହେଉଥିବା ବେଳେ ନାଳରେ ଭାସିଯାଇ ଜଣେ ଛାତ୍ରୀ ନିଖୋଜ ହୋଇ ଯାଇଛନ୍ତି। ଏଭଳି ଘଟଣା ଅନୁଗୋଳ ଜିଲ୍ଲା ବସଲା ପଞ୍ଚାୟତ ସୁନାଭୁଇଁ ଗାଁ ନିକଟରେ ଘଟିଛି । ସୂଚନା ଯେ , ସୁନାଭୁଇଁ ଗାଁର ପ୍ରୀତି ବେହେରା ନାମକ ଜଣେ ଛାତ୍ରୀ ସକାଳେ ବନ୍ତଳା ଅଞ୍ଚଳକୁ କଲେଜ୍ ଯାଇ କମ୍ପ୍ୟୁଟର କ୍ଲାସ କରିବାକୁ ଯାଇଥିଲେ । ସେଠାରୁ ଫେରିବା ବେଳେ ଗାଁ ମୁଣ୍ଡରେ ଥିବା ଜୋର ଉପରେ ପାଣି ଯାଉଥିଲା । ତଥାପି ସାହସ ବାନ୍ଧି ସେ ସାଇକେଲ ଧରି ନାଳ ପାର ହେଉଥିବା ବେଳେ ଗଭୀର ସ୍ରୋତରେ ଭାସି ଯାଇଥିଲେ । ଆଖପାଖରେ ଥିବା ଲୋକ କିଛି କରିବା ପୂର୍ବରୁ ସେ ସ୍ରୋତରେ ଭାସି ନିଖୋଜ ହୋଇ ଯାଇଥିଲେ। ଖବର ପାଇ ଅନୁଗୁଳ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।



# ଶିଶୁ ବିଦ୍ୟା ମନ୍ଦିରରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ



**ନାରାୟଣପାଟଣା,(ମହାଭାରତ) :** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମେଶ ଚନ୍ଦ୍ର ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରଦୀପ କୁମାର ନାଗ (ପ୍ରଧାନ ଶିକ୍ଷକ ଗମେଣ୍ଟ ହାଇ ସ୍କୁଲ), ଶ୍ରୀଯୁକ୍ତ ଅନୁପମ ବାଗ (ଦମକଳ କେନ୍ଦ୍ର ଅଧିକାରୀ), ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ଏସ ସୁରେଶ, ଉପସଭାପତି ଶ୍ରୀଯୁକ୍ତ ଏନ୍ ବିନୋଦ କୁମାର , ଯୋଗଦେଇ ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ। ବିଜ୍ଞାନ ଆମକୁ ଆଗକୁ ଆଗକୁ ନେଇ ଚାଲିଛି। ସାରା ବିଶ୍ୱରେ ଭାରତ ଆଜି ବିଜ୍ଞାନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହା କେବଳ ଆମ ବୈଜ୍ଞାନିକ ମାନଙ୍କର ଉନ୍ନତ ଜ୍ଞାନ କୌଶଳ ପାଇଁ ସମ୍ଭବ ହୋଇପାରିଛି। ଭବିଷ୍ୟତରେ ଜଣେ ଜଣେ ସଫଳ ବୈଜ୍ଞାନିକ ହୋଇ ଦେଶାମାତୃକାର ଉନ୍ନତି କଳ୍ପେ ତାହାକୁ ବିନିଯୋଗ କରିବାକୁ ସମସ୍ତ ଶିଶୁ ବୈଜ୍ଞାନିକ ମାନଙ୍କୁ ମୁଖ୍ୟ ଅତିଥି ମାନେ ପରାମର୍ଶ ଦେଇଥିବା ବେଳେ ସମ୍ମାନିତ ଅତିଥି ଗଣ ନିଜନିଜ ମତବ୍ୟକ୍ତ ଅବସରରେ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜଳବାୟୁ ପରିବର୍ତ୍ତନ, ସବୁଜ ବିପ୍ଳବ, ନୀଳ ବିପ୍ଳବ ଉପରେ ସେ ଆଲୋକପାତ କରିବା ସହ ମୋବାଇଲ ଫୋନ୍ ଠାରୁ ନିଜକୁ ଦୂରେଇ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜନିଜର ବିଜ୍ଞାନ ପ୍ରକଳ୍ପ ଗୁଡିକୁ ପ୍ରଦର୍ଶନ କରିଥିଲେ। ଏହାକୁ ଦେଖିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ବିଜ୍ଞାନପ୍ରେମୀଙ୍କ ଭିଡ ଜମିଥିଲା। ଏହି ଜ୍ଞାନ ବିଜ୍ଞାନ ମେଳାରେ ପ୍ରାୟ ୫୨ ଜଣ ଶିଶୁ ବୈଜ୍ଞାନିକ ଅଂଶ ଗ୍ରହଣ କରି ନିଜ ନିଜର ପ୍ରକଳ୍ପ ଗୁଡିକ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ଚୟନ କରାଯାଇଥିଲା ଏବଂ ସ୍ୱାଧୀନତା ଦିବସ ଅବସରରେ କୁନି ବୈଜ୍ଞାନିକ ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯିବା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କ୍ଷେତ୍ରମୋହନ ବାଘ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା ରେ ସହଯୋଗ କରିଥିଲେ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଶିଶୁ ମନ୍ଦିରରେ ୨୯ ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ

ବଡ଼ଚଣା (ମହାଭାରତ)ଧନମଣ୍ଡଳ ସରସ୍ଵତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ୨୦୨୪ - ୨୫ ଚଳିତ ବର୍ଷରେ ୨୯ ତମ ଜ୍ଞାନ ବିଜ୍ଞାନ ମେଳା ଉଦ୍ଘାଟିତ ହୋଇଯାଇଅଛି । ଏଥିରେ ମୂଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ସାହୁ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ମାର୍ଗଦର୍ଶନ କରାଇଥିଲେ । ଶିଶୁ ମନ୍ଦିରର ସମ୍ପାଦିକ ବିଭାଶ ଚନ୍ଦ୍ର ନନ୍ଦ କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିବା ସହ ଭବିଷ୍ୟତରେ ସେମାନେ ଜଣେ ଜଣେ ଭଲ ମଣିଷ ହୋଇ ଦେଶ ପାଇଁ ଗୌରବ ଆଣିବେ ବୋଲି କହିଥିଲେ । ପ୍ରଧାନ ଶିକ୍ଷକ ଆଚାର୍ଯ୍ୟ ହେମନ୍ତ କୁମାର ଜେନା ଅତିଥି ପରିଚୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୧୧ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା ଏଗୁଡିକ ଯଥା ସମ୍ବେଦନ ଉପକାରିତା, ଜଳ ସଂରକ୍ଷଣ,ଜ୍ଞାନ, ଯାତାୟାତ, ଆଧାରିତ ନମୁନା , ଆବର୍ଜନା ଆଧାରିତ , ନୂତନ ପ୍ରୟୋଗ, ଗଣିତ ପ୍ରକଳ୍ପ, ଚାରି ଗାଣିତିକ ସୁତ୍ର, ଜ୍ୟାମିତିକ ଆକାରର ଧାରଣ ଓ ମୁଦ୍ରା ପରିଚୟ ପ୍ରକଳ୍ପରେ ୧୦୧ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ବିଚାରକ ଭାବେ ଧାନମଣ୍ଡଳ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅରୁଣ କୁମାର ବରାଳ, ଲକ୍ଷ୍ମୀ ପ୍ରିୟା ସାହୁ, ବଡ଼ଚଣା ଉଚ୍ଚ ବିଦ୍ୟାଳୟ ର ଶିକ୍ଷୟତ୍ରୀ ମାମିନା ସାହୁ ପ୍ରମୁଖ ଶିକ୍ଷକ ମାନେ ଯୋଗଦେଇଥିଲେ । ଏହି ୨୯ତମ ଜ୍ଞାନ ବିଜ୍ଞାନ ମେଳାରେ ଯୋଗଦେଇଥିବା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ଛାତ୍ର ଛାତ୍ରୀ ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା ପ୍ରମୁଖ ସହଯୋଗ କରିଥିଲେ ଶେଷରେ ସମ୍ପାଦକ ବିଭାସ ଚନ୍ଦ୍ର ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଟଣା ପୋଲିସ ପକ୍ଷରୁ ୫ ଡ଼କାୟତ ଗିରଫ ଜଣେ ଅଟକ



ପାଟଣା:-(ମହାଭାରତ) ବାଇକ ଉପ ରୁ ଟଙ୍କା ବ୍ୟାଗ ଲୁଟିନେଇ ଥିବା ଅଭିଯୋଗ ରେ ୫ଜଣ ଲୁଟେରା ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବଡ଼ବିଲ ବ୍ୟାଙ୍କ ଅଫ ଇଣ୍ଡିଆ ବ୍ୟାଙ୍କ ରୁ ୫ ଅଗଷ୍ଟ ଦାସପଡ଼ା ଗ୍ରାମର ବିଦ୍ୟାଧର ମହାନ୍ତ ୨୦ହଜାର ଟଙ୍କା ଉଠାଇ ବ୍ୟାଙ୍କ ରୁ ନେଉ ଥିବା ସମୟରେ କିଛି ଦୃବୃତ୍ତ ବାଇକ ଉପ ରୁ ଟଙ୍କା ବ୍ୟାଗ ଲୁଟି ନେଇ ଚମ୍ପଟ ମାରି ଥିଲେ । ଏ ନେଇ ବିଦ୍ୟାଧର ମହାନ୍ତ ପାଟଣା ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତି କରି ପାଟଣା ଥାନା ପକ୍ଷରୁ ଥାନା ଅଧିକାରୀ ବିବସ୍ଵ ପ୍ରଧାନ,ଅତିରିକ୍ତ ଥାନା ଅଧିକାରୀ ଲକ୍ଷ୍ମଣ ମାଝୀ ଙ୍କ ମିଳିତ ଟିମ ଗଠନ କରାଯାଇ ତଦନ୍ତ ଜାରି ରଖି ଥିଲେ । ୨ ଦିନ ଭିତରେ ୩ଜଣ ଙ୍କୁ ଯାଜପୁର ଥାନା ଅଞ୍ଚଳ ର ବିକି ପ୍ରଧାନ, ସମୀର ପ୍ରଧାନ,ସନ୍ଦୀପ ପ୍ରଧାନ ଅନ୍ୟ ଜଣେ ଗଞ୍ଜାମ ଜିଲ୍ଲା କଟିନନ୍ଦା ସାହପୁର ଅଞ୍ଚଳ ର ଏ.ଜଗନ୍ନାଥ ଅନ୍ୟ ଜଣେ ରାଇପୁର ଜିଲ୍ଲା ଛତିଶଗଡ଼ ଅଞ୍ଚଳ ର ଶିବ ନେତମ୍ ଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟ ରୁ ପୋଲିସ ମୋଟ ୨୦ହଜାର ଟଙ୍କା,୩ଟି ବାଇକ ,୮ଟି ମୋବାଇଲ ଫୋନ ସହ ଚୋରି ରେ ଡିକି ଭାଙ୍ଗିବା ରେ ବ୍ୟବହାର କରୁଥିବା ଚାବି ଜବତ ଯାଇ ଅଭିଯୁକ୍ତ ମାନ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ଅଭିଯୁକ୍ତ ଙ୍କ ନାଁ ରେ ଜିଲ୍ଲା ବିଭିନ୍ନ ଥାନା ଏକାଧିକ ମାମଲା ଥିବା ବେଳେ ଜଣେ ନାବାଳକ କୁ ଥାନା ରେ ଅଟକ ରଖି ପୋଲିସ ଅଧିକ ତଦନ୍ତ ଜାରି ରହିଥିବା ଘଟଗାଁ ଏସ.ଡି.ପି.ଓ ପ୍ରଭାତ କୁମାର ତ୍ରିପାଠୀ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି ।

## ଗୋଲାମୁଣ୍ଡା ରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୪ ପାଳିତ

ଗୋଲାମୁଣ୍ଡା, (ମହାଭାରତ ) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଆଇ.ସିଡି.ଏସ ପକ୍ଷରୁ ମଙ୍ଗଳବାର ଗୋଲାମୁଣ୍ଡା ଠାରେ ବିଶ୍ ସ୍ତନ୍ୟପାନ ସପ୍ତାହ-୨୦୨୪ ପାଳିତ ହୋଇଯାଇଛି। ଏପରିପ୍ରେକ୍ଷୀରେ ପ୍ରସୂତି ମହିଳା ମାନେ କିଭଳି ତାଙ୍କର ନବଜାତ ଶିଶୁ କୁ ସ୍ତନ୍ୟପାନ କରାଇବେ ସେ ନେଇ ଗୋଲାମୁଣ୍ଡା ଶିଶୁ ପ୍ରକଳ୍ପ ବିକାଶ ପକ୍ଷରୁ ବିଶ୍ ସ୍ତନ୍ୟପାନ ସପ୍ତାହ ଗୋଲାମୁଣ୍ଡା ମିଶନଶକ୍ତି ଭବନ ରେ ପାଳିତ ହୋଇଯାଇଛି। ଅଙ୍ଗନବାଡି କର୍ମି ମାନଙ୍କୁ ନେଇ ଗୋଲାମୁଣ୍ଡା ଠାରେ ଏକ ଶୋଭାଯାତ୍ରା ରେ ସହର ପରିକ୍ରମା କରି କିଭଳି ଭାବରେ ନବଜାତ ଶିଶୁ ସ୍ତନ୍ୟପାନ କରିବ ସେ ନେଇ ଏକ ସଚେତନ କରାଯାଇଥିଲା। ଏହି ଅବସରରେ ଗୋଲାମୁଣ୍ଡା ମିଶନଶକ୍ତି ଗୃହ ରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ରେ ବିଡିଓ ଶ୍ରୀଧର ପଣ୍ଡା, ସାମାଜିକ କଲ୍ୟାଣ ଅଧିକାରୀ ଦ୍ରୋପଦୀ କହଁର, ପ୍ରୋଗ୍ରାମ ଅଫିସର ଲତା ପ୍ରଧାନ, ନୋଡାଲ ପ୍ରୋଗ୍ରାମ ଅଫିସର ବିଶ୍ୱନାଥ ଦାସ, ବିପିଏମ ଅନାମ ଭୋଇ, ସାମାଜିକ କର୍ମି ଶ୍ୟାମସୁନ୍ଦର ଅଗ୍ରୱାଲ, ଡାକ୍ତର ନିମାଇ ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବରେ ମଞ୍ଚାସିନ ଥିଲେ।କାର୍ଯ୍ୟକ୍ରମ ରେ ସୁପରଭାଇଜର ଯଶୋବନ୍ତି ନାଏକ, ମଞ୍ଜୁଲତା ପଟନାୟକ, ସମେତ ସମସ୍ତ ଅଙ୍ଗନବାଡି କର୍ମି ଉପସ୍ଥିତ ଥାଇ ସହଯୋଗ କରିଥିଲେ।

## ମାରପିଟ ହୋଇ ଯୁବକ ଙ୍କ ମୃତ୍ୟୁ ଅଭିଯୋଗ
## ଘଟଣାରେ ୨ ଅଭିଯୁକ୍ତ କୋର୍ଟ ଚାଲାଣ



କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ତରାମରା ଛକ ନିକଟରେ ଗତ ଶନିବାର ରାତିରେ ମାରପିଟ ଘଟଣାରେ ଜଣେ ଯୁବକ ର ମୃତ୍ୟୁ ଅଭିଯୋଗ ର ତଦନ୍ତ ପରେ ଠାକୁରମୁଣ୍ଡା ଥାନା ପୋଲିସ ୨ ଜଣ ଅଭିଯୁକ୍ତ କୁ ଗିରଫ ପରେ ବୁଧବାର ଦିନ କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ତରାମରା ଗ୍ରାମର ବଳଭଦ୍ର ବେହେରା ଙ୍କ ପୁଅ ବିରେନ୍ଦ୍ର (୨୩), ଓ ଦୟାନିଧି ଲୋହାର ଙ୍କ ପୁଅ କୁନମୁନ ବୋଲି ଜଣାପଡିଛି ।ମିଳିଥିବା ସୂଚନା ଅନୁଯାୟୀ ଠାକୁରମୁଣ୍ଡା ଗ୍ରାମ ଦାସ ସାହି ର ଦୁର୍ଯ୍ୟଧନ ବହୁବଳେନ୍ଦ୍ର ଙ୍କ ପୁଅ ସନ୍ତୋଷ କୁ ତାର ସାଙ୍ଗ ବିରେନ୍ଦ୍ର ବେହେରା ଶନିବାର ଦିନ ତାଙ୍କ ଗ୍ରାମ ତରାମରା କୁ ଡାକିଥିଲା ।ଏଣୁ ସନ୍ତୋଷ ଶନିବାର ଦିନ ପ୍ରାୟ ୪ ଟା ସମୟରେ ଠାକୁରମୁଣ୍ଡା ର ଗୁରୁଚରଣ ବାହୁବଳେନ୍ଦ୍ର ଙ୍କ ସହିତ ମିଶି ଏକ ବାଇକ ଯୋଗ ତରାମରା ଗ୍ରାମକୁ ଯାଇଥିଲେ ।ସେଠାରେ ଏହି ଦୁଇ ଜଣ ପହଁଚିବା ପରେ ସାଙ୍ଗ ବିରେନ୍ଦ୍ର ସହିତ ମିଶି ପ୍ରଥମେ ପତ୍ରତୋଳା ସାହି ଓ ପରେ ବାଘମୁଣ୍ଡାସାହି କୁ ଯାଇଥିଲେ। ବାଘମୁଣ୍ଡା ସାହି ରୁ ସେମାନେ ଆସି ପ୍ରାୟ ୭ ଟା ପରେ ତରାମରା ଗ୍ରାମ ଛକ ରେ ପହଞ୍ଚିଥିଲେ ।ତରାମରା ଛକ କୁ ଆସିବା ପରେ କୌଣସି କାରଣରୁ ଗ୍ରାମର କେତେଜଣ ଯୁବକଙ୍କ ସହିତ ବଚସା ହେବା ସହ ମାରପିଟ ହୋଇ ଥିଲେ। ପରେ ଗଣ୍ଡଗୋଳ ହୋଇଥିବାର ଖବର ପାଇ ଠାକୁରମୁଣ୍ଡା ରୁ ମୃତ ସନ୍ତୋଷ ଙ୍କ ବାପା ଦୁର୍ଯ୍ୟଧନ ଓ ଅନ୍ୟ ଜଣେ ଯାଇ ଆହତ ଅବସ୍ଥାରେ ପୁଅ ସନ୍ତୋଷ କୁ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ରବିବାର ସକାଳେ ଡାକ୍ତର ତାଙ୍କୁ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ କୁ ସ୍ଥାନାନ୍ତର କରିଥିବା ବେଳେ ବାଟରେ ସନ୍ତୋଷ ମୃତ୍ୟୁ ଘଟିଥିଲା ।ପୁଅର ମୃତ୍ୟୁ ପରେ ବାପା ଦୁର୍ଯ୍ୟଧନ ଙ୍କ ଅଭିଯୋଗ ପରେ ଠାକୁରମୁଣ୍ଡା ଥାନାରେ କେଶ ନମ୍ବର ୭୩/୨୦୨୪ ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା।

## ଗଜପତି ମହାବିଦ୍ୟାଳୟରେ ବାଣିଜ୍ୟ ଦିବସ ଅନୁଷ୍ଠିତ

ପାରଳାଖେମୁଣ୍ଡି(ମହାଭାରତ): ସ୍ଥାନୀୟ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି (ସ୍ୱୟଂଶାସିତ) ମହାବିଦ୍ୟାଳୟ ଠାରେ ବାଣିଜ୍ୟ ବିଭାଗ ଆନୁକୁଲ୍ୟରେ ବାଣିଜ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛ ।ବାଣିଜ୍ୟ ବିଭାଗର ମୁଖ୍ୟ ଶିବପ୍ରସାଦ ସେଠୀଂକ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହିଂଜିଳିକାଟୁ (ସ୍ୱୟଂଶାସିତ)ବିଜ୍ଞାନ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ ।ବାଣିଜ୍ୟ ଶିକ୍ଷାରେ ପ୍ରଗତି ଏବଂ ସମାଜରେ ଏହାର ଉପକାରୀତା ବିଷୟରେ ସେ ଆଲୋକପାତ କରିଥିଲେ। ଆଜିର ସମାଜରେ ବାଣିଜ୍ୟ ଶିକ୍ଷାରେ ମୂଲ୍ୟବୋଧତା ତଥା ସରକାରୀ ଓ ଉଦ୍ୟୋଗ କ୍ଷେତ୍ରରେ ଏହାର ପ୍ରାଧାନ୍ୟତା ଉପରେ ଗୁରୁତ୍ୱାରୋପ କରିଥିଲେ।ଡ.ବିଘ୍ନରାଜ ମିଶ୍ର ଦ୍ୱାରା ଏହି ସେମିନାର ଉଦ୍ଘାଟିତ ହୋଇଥିଲା।

## ହର ଘର ତିରଙ୍ଗା ନିମନ୍ତେ ପ୍ରସ୍ତୁତି ବୈଠକ

ରାୟଗଡା (ମହାଭାରତ): ସ୍ୱାଧୀନତାର ୭୮ ତମ ପାଳନ ଅବସରରେ ଅମୃତମହତ୍ସବ ପାଳନର ପୂର୍ତ୍ତି ଅବସରରେ ଚଳିତ ବର୍ଷ ୧୩. ୦୮. ୨୦୨୪ରିଖରୁ ତା ୧୫. ୦୮. ୨୪ ପର୍ଯ୍ୟନ୍ତ ତିନିଦିନ ଧରି ହର ଘର ତିରଙ୍ଗା କାର୍ଯ୍ୟକ୍ରମ ସାରା ଦେଶରେ ପାଳନ କରିବା ନିମନ୍ତେ କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି ।ଏହି ଅବସରରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାରେ ଆଡ଼ମ୍ବର ସହକାରେ ପାଳନ ନିମନ୍ତେ ଆଜି ଜିଲ୍ଲାପରିଷଦ ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ନିହାର ରଞ୍ଜନ କହଁରଙ୍କ ଅଧକ୍ଷତକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

## ବନ୍ୟା ଜଳ ରେ ଭାସି ଯୁବକ ନିଖୋଜ

ଅସ୍ତରଙ୍ଗ,(ମହାଭାରତ): ପ୍ରାୟତଃ ପ୍ରତ୍ୟେକ ବର୍ଷ ଅସ୍ତରଙ୍ଗ ଦେବୀ ନଦୀ ରେ ଅନେକ ବ୍ୟକ୍ତି ନିଖୋଜ ହେଉଛନ୍ତି, ଏହିଭଳି ଏକ ମର୍ମନ୍ତୁଦ ଘଟଣା ଘଟିଛି ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଏଡବାଂଶ ଗ୍ରାମ ରେ, ଏହି ଗ୍ରାମ ର ଯୁବକ ଆଶୀଷ କୁମାର ସେନାପତି, ବୟସ ୨୫ ବର୍ଷ, ପିତା -ଶରତ କୁମାର ସେନାପତି ଦେବୀ ନଦୀ ରେ ଭାସି ନିଖୋଜ ହୋଇଯାଇଛନ୍ତି। ସୂଚନା ମୁତାବକ ମଙ୍ଗଳବାର ସନ୍ଧ୍ୟା ପାଖାପାଖି ୬ ଘଟିକା ସମୟ ରେ ଆଶୀଷ ଶୌଚ ହେବା ପାଇଁ ଏଡବାଂଶ ନିକଟରେ ଦେବୀ ନଦୀ ତୁଠ କୁ ଯାଇଥିଲେ, କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ଫେରି ନଥିଲେ। ରାତ୍ର ସମୟ ରେ ସନ୍ଦେହ ଉପୁଜିବାରୁ ତାର ପରିବାର ଲୋକ ବିଭିନ୍ନ ସ୍ଥାନ ରେ ପଚରାଉଚରା କରିଥିଲେ। ପରିଶେଷରେ ଦେବୀ ନଦୀ ତୁଠ କୁ ଯାଇଥିଲେ ସେଠି ଆଶୀଷ ଙ୍କ ଚପଲ ଓ ଗାମୁଛା ଥୁଆ ହେବାର ଦେଖିବାକୁ ପାଇଥିଲେ। ଏହି ଦୃଶ୍ୟ କୁ ଦେଖିବା ପରେ ସେମାନଙ୍କ ଭିତରେ ସନ୍ଦେହ ଘନୀଭୂତ ହୋଇଥିଲା ଓ ଆଜି ସକାଳୁ ସେମାନେ ଉପାୟଶୂନ୍ୟ ହୋଇ ନିକଟସ୍ଥ ଅଗ୍ନିଶମ ବିଭାଗ କୁ ସୂଚନା ଦେଇଥିଲେ। ଏହି ଘଟଣା ସଂକ୍ରାନ୍ତ ରେ ଆଶୀଷ ଙ୍କ ବଡବାପା ଙ୍କ ପୁଅ ଆଦର୍ଶ କୁମାର ସେନାପତି ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ର ସ୍ୱତନ୍ତ୍ର ଟିମ୍ ଖବର ଲେଖା ହେବା ପର୍ଯ୍ୟନ୍ତ ଖୋଜାଖୋଜି ଜାରୀ ରଖିଥିଲେ, ଯାହାକୁ ନେଇ କାକଟପୁର ଦହିଖିଆ ସ୍ଥିତ ଅଗ୍ନିଶମ କେନ୍ଦ୍ର ର ଷ୍ଟେସନ ମାଷ୍ଟର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ପାଣି ରେ କରେଣ୍ଟ ଅଧିକ ରହିଛି, ବନ୍ୟା ଜଳ ପ୍ରବେଶ କାରଣ ରୁ ଦେବୀ ନଦୀ ରେ ଜଳ ସ୍ରୋତ ମଧ ଅଧିକ ରହିଛି। ଯାହାର ପ୍ରଭାବ ରେ ଯୁବକ ଜଣକ ପାଣି ଭିତର କୁ ଚାଲି ଯାଇଛନ୍ତି। ଏହି ଘଟଣା କୁ ନେଇ ଗ୍ରାମବାସି ଓ ପରିବାର ଲୋକ ଙ୍କ ଭିତରେ ଏକ ପ୍ରକାର ଦୁଃଖ ଦାୟକ ପରିସ୍ଥିତି ସୃଷ୍ଟି ହୋଇଛି ।

## ଭାରତୀୟ ମହାକାଶ ଦିବସ ପାଳନ ପରିପ୍ରେକ୍ଷୀରେ ପାରାଦୀପ ରେ କର୍ମଶାଳା
## ଇସ୍ରୋର ଜ୍ଞାନ କୌଶଳ ସହିତ ଯୋଡି ହେବେ ମତ୍ସ୍ଯଜୀବି

ପାରାଦୀପ(ମହାଭାରତ): ଆସନ୍ତା ଅଗଷ୍ଟ ୨୩ ତାରିଖରେ ଜାତୀୟ ମହାକାଶ ଦିବସ ପାଳନ ପରିପ୍ରେକ୍ଷୀରେ ପାରାଦୀପ ମାଛଧରା ବନ୍ଦର ରେ ମଙ୍ଗଳବାର ଦିନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୨୦୨୩ ମସିହାରେ ଏହି ଦିନ ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ସଫଳତାର ସହ ଅବତରଣ କରୁଥିବା ଭାରତର ଚନ୍ଦ୍ରାୟଣ -୩ ମହାକାଶଯାନର ଐତିହାସିକ ଘଟଣାକୁ ସ୍ମରଣ କରି ୨୩ ଅଗଷ୍ଟରେ ଜାତୀୟ ମହାକାଶ ଦିବସ ୨୦୨୪ ପାଳନ କରାଯାଉଛି। ଏହି ଦିନର ବିଷୟବସ୍ତୁ ହେଉଛି ଚନ୍ଦ୍ରକୁ ଛୁଇଁବା ସମୟରେ ଜୀବନ: ଭାରତର ସ୍ପେସ୍ ସାଗା ତେବେ ଏନେଇ ରାଜ୍ୟର ମତ୍ସ୍ୟ ବିଭାଗ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟ, ମତ୍ସ୍ୟଜୀବୀ, ଟ୍ରଲର ତଥା ବୋଟ୍ ମାଲିକ, କେନ୍ଦ୍ରୀୟ ଏବଂ ରାଜ୍ୟ ମତ୍ସ୍ୟ ଅଧିକାରୀ ଏବଂ ମତ୍ସ୍ୟ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ଏକତ୍ର କରି ଏହି ଐତିହାସିକ ଘଟଣାକୁ ସ୍ମରଣୀୟ କରିବା ପାଇଁ ଏକ କର୍ମଶାଳା ଆୟୋଜନ କରିବାକୁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ମତ୍ସ୍ୟଜୀବି ମାନଙ୍କୁ ସୁରକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ ଏବଂ ଏକ ସ୍ୱତନ୍ତ୍ର ଡିଭାଇସ୍ ପ୍ରଦାନ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ), ଓଡ଼ିଶା ସରକାର ଙ୍କ ମତ୍ସ୍ୟ ବିଭାଗ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟ, ମିଳିତ ଭାବେ ଅଗଷ୍ଟ ୬ ତାରିଖ ଦିନ ପାରାଦୀପର ଫିସିଙ୍ଗ୍ ହାରବର୍ ଠାରେ ଏକ ସଂକଳ୍ପବଦ୍ଧ କର୍ମଶାଳା ଆୟୋଜନ କରିଥିଲେ। ଭାରତ, କେନ୍ଦ୍ର ମତ୍ସ୍ୟ ବିଭାଗ, ନାଟିକାଲ୍ ଏବଂ ଇଞ୍ଜିନିୟରିଂ ଟ୍ରେନିଂ ୟୁନିଟ୍, ବିଶାଖାପାଟନମ୍ ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟ, ମଧ୍ୟ ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ମତ୍ସ୍ୟଜୀବୀମାନଙ୍କୁ



ଯୋଗାଯୋଗ ଏବଂ ନାଭିଗେସନ୍ ଉପକରଣରେ ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନର ଭୂମିକା ଏବଂ ଏହାର କାର୍ଯ୍ୟ ସଚେତନତା କରାଯାଇଥିଲା। ମତ୍ସ୍ୟଜୀବୀ ମାନଙ୍କୁ ଇସ୍ରୋ ଦ୍ୱାରା ବିକଶିତ ଟ୍ରାନ୍ସପୋଣ୍ଡର ଯନ୍ତ୍ରପାତିର ଡେମୋ ମଧ ପ୍ରଦର୍ଶନ କରାଯାଇଥିଲା, ଯାହା ଦୁର୍ଘଟଣା ଓ ଦୁର୍ଘଟଣାକୁ ଏଡାଇବାରେ ସାହାଯ୍ୟ କରିବ ଏବଂ କୌଣସି ଅଘଟଣ ଘଟଣାର ଶୀଘ୍ର ପ୍ରତିକ୍ରିୟାକୁ ସହଜ କରିବ । ଇସ୍ରୋ ଦ୍ୱାରା ନିର୍ମିତ ହୋଇଥିବା ଏହି ଟ୍ରାନ୍ସପଣ୍ଡର, ଯାହା ଖୁବ ଶୀଘ୍ର ମତ୍ସ୍ୟଜୀବୀ ମାନଙ୍କ ବୋଟ୍ ରେ ସ୍ଥାପିତ ହେବ । ଏତଦବ୍ୟତୀତ ଏହି କାର୍ଯ୍ୟକ୍ରମରେ ସାମୁଦ୍ରିକ ଡୋମେନ୍ ଏବଂ ପ୍ରଦର୍ଶନ ପାଇଁ ସିଓଏମ-ଏନଏଭି ସିଷ୍ଟମ୍ ଉପରେ ଅଧାପନା କରାଯାଇଥିଲା। ଇସ୍ରୋ ର ବରିଷ୍ଠ ବୈଜ୍ଞାନିକ ମାନେ, ମତ୍ସ୍ୟଚାଷୀଙ୍କ ପାଇଁ ଜରୁରୀକାଳୀନ ମେସେଜିଂ ସିଷ୍ଟମକୁ ସମର୍ଥନ କରିବା ପାଇଁ ସାମୁଦ୍ରିକ ଟ୍ରାଫିକ୍ ମନିଟରିଂ ସିଷ୍ଟମ,ସାଗରମିତ୍ର ପାଇଁ ବିକଶିତ ଜ୍ଞାନ କୌଶଳ ବିଷୟରେ ଭରଚୁଆଲ୍ ମୋଡ୍ ମାଧ୍ୟମରେ ବ୍ୟାଖ୍ୟା କରିଥିଲେ। ସିନଫେଟ ର ଡେପୁଟି ଡାଇରେକ୍ଟର, ବିଶାଖାପାଟନମ୍ ରିମୋଟ ସେନିଂ ସିଷ୍ଟମ ମାଧ୍ୟମରେ ସମ୍ଭାବ୍ୟ ଫିସିଂ ଜୋନ୍ ବିଷୟରେ ବର୍ଣ୍ଣନା କରିଥିଲେ। ମତ୍ସ୍ୟଜୀବୀମାନଙ୍କୁ ସେମାନଙ୍କର ବ୍ୟବସ୍ଥାର ଉନ୍ନତି ପାଇଁ ଉନ୍ନତ ମାଛ ଧରିବାରେ ସାହାଯ୍ୟ କରିବାକୁ ଏହି ପ୍ରଯୁକ୍ତିବିଦ୍ୟା ଯଥେଷ୍ଟ ଗୁରୁତ୍ୱ ବହନ କରିବ । ଏହି କର୍ମଶାଳାର ଉଦଘାଟନୀ ଉତ୍ସବରେ ଓଡିଶା ସରକାର ଙ୍କ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ଶ୍ରୀମତୀ ବବିତା ମହନ୍ତ, ଜଗତସିଂହପୁର ଡ଼ିଏଫଓ ଶ୍ରୀମତୀ ରେଶମା ରାନୀ ସିଂ, କୁଜଙ୍ଗ ଏଡିଏଫଓ ତୁଷାରକାନ୍ତି ମହାପାତ୍ର, ଓମ୍ଫା ସଭାପତି ଶ୍ରୀକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ବିଶାଖାପାଟନମ୍ ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଫୀସରୀ ନଟିକାଲ୍ ଇଞ୍ଜିନିୟରିଂ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ୟୁନିଟ୍ ର ଡେପୁଟି ଡାଇରେକ୍ଟର ହୃଷିକେଶ ବିଶୋଇ ଏହି କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଭାଷ ଭାଲସେ, ନିର୍ଦ୍ଦେଶକ (ଇଲେକ୍ଟ୍ରୋନିକ୍ସ) ଏବଂ ପି.ରିଜେଶ, ବୋସୁନ୍, ବିଶାଖାପାଟନମ୍, ମତ୍ସ୍ୟଜିବୀ ପ୍ରତିନିଧୀ, ମତ୍ସ୍ୟଜିବୀ,ବୋଟ ମାଲିକ, ସାଗରମିତ୍ର ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ପ୍ରାୟ ଶତାଧିକ ମତ୍ସ୍ୟଜୀବୀ ଏବଂ ବୋଟ ମାଲିକ, ୩୦ ସାଗରମିତ୍ର ଉପସ୍ଥିତ ଥିଲେ। ନମଃ ବାସୁଦେବ ବୋଟ୍ ଉପରେ ଟ୍ରାନ୍ସପଣ୍ଡର ପ୍ରଦର୍ଶନ କରାଯାଇଥିଲା ଏବଂ ୧୫୦ ମତ୍ସ୍ୟଜୀବୀ ଏବଂ ସାଗରମିତ୍ର ଏହି ପ୍ରଦର୍ଶନ ଦେଖିଥିଲେ।

## ୧୦ ବର୍ଷ ପରେ କଲ୍ୟାଣମଣ୍ଡପ ଅଧପନ୍ତରିଆ

କୋରେଇ(ମହାଭାରତ): କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ ମା' ମହାପାଟଙ୍କ ମନ୍ଦିର ନିକଟରେ ୧୦ ବର୍ଷ ତଳେ ନିର୍ମାଣ ଆରମ୍ଭ ହୋଇଥିବା କଲ୍ୟାଣମ ଅଧପନ୍ତରିଆ ହୋଇ ପଡ଼ିରହିଛି। ଏହାର ନିର୍ମାଣ ପାଇଁ ପଞ୍ଚମ ଅର୍ଥ କମିଶନରେ ୨୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ଆରମ୍ଭରେ କାମ ନିମିଟାଲ ପର୍ଯ୍ୟନ୍ତ ହୋଇ ଦୀର୍ଘଦିନ ଧରି ପଡିରହିଲା। ୨୦୧୭ ପଞ୍ଚାୟତ ୨୦୧୭ ମସିହାରେ ପୁନର୍ଗଠନ ପ୍ରକ୍ରିୟାରେ ତଳଗଡ଼ ପଞ୍ଚାୟତରୁ ଅଲଗା ହୋଇ ପାଟରଙ୍ଗା ଏକ ନୂତନ ପଞ୍ଚାୟତର ମାନ୍ୟତା ପାଇଲାୟ ପଞ୍ଚାୟତର ସୀମା ନିର୍ଦ୍ଧାରଣରେ କଲ୍ୟାଣମଣ୍ଡପଟି ପାଟରଙ୍ଗା ପଞ୍ଚାୟତ ଅଧୀନରେ ରହିଲାୟ କଲ୍ୟାଣମଣ୍ଡଳ ନିର୍ମାଣ ପାଇଁ ମିଳିଥିବା ଅନୁଦାନ ତଳଗଡ଼ ପଞ୍ଚାୟତ ଜି ମାରେ ଥିବା ଓ କାର୍ଯ୍ୟ କରିବାର କ୍ଷମତା ପାଟରଙ୍ଗା ପଞ୍ଚାୟତର ଥିବାରୁ କାର୍ଯ୍ୟ କରିବାରେ ସମସ୍ୟା ପୂର୍ବରୁ କଲ୍ୟାଣମଣ୍ଡପ ନିର୍ମାଣରେ ଖର୍ଚ୍ଚ ହୋଇଥିବା ପ୍ରାୟ ୧୦ ଲକ୍ଷ ପରେ ବ ରେ ବଳକା ଅର୍ଥ ପଡି ରହିଲା । କୋରେଇର ପୂର୍ବତନ ବିଡିଓ ରଞ୍ଜନ କୁମାର ପରିଡା, ତଳଗଡ଼ ସରପଞ୍ଚ ସନ୍ତୋଶ କୁମାର ସ୍ୱାଇଁ ଓ ପାଟରଙ୍ଗା ସରପଞ୍ଚ ରଞ୍ଜନ କୁମାର ଦାସଙ୍କ ମିଳିତ ସହଯୋଗରେ ମଣ୍ଡପର ଛାତ୍ର ପଡ଼ିବା ସହ ପ୍ଲାଷ୍ଟର ଓ ଝରକାର ଗ୍ରୀଲ ଲାଗିବା କାମ ଶେଷ ହୋଇଛି। ତେବେ ପ୍ରଶ୍ନ ଉଠେ ପୂର୍ବରୁ ମଣ୍ଡପ



ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ଖର୍ଚ୍ଚ ସରିଛି। ମଣ୍ଡପ ସମ୍ପୂର୍ଣ୍ଣ ପାଇଁ ନୂତନ ଅନୁଦାନର ଆବଶ୍ୟକତା ରହିଛି। ଏହା ନହେଲେ ମଣ୍ଡପଟି ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିବ। ପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣରେ ସରକାରଙ୍କ ରହିଥିବା ଉଦ୍ଦେଶ୍ୟ ସାଧୂତ ହୋଇ ପାରିବନି । ଏହାକୁ ପୂର୍ଣାଙ୍ଗ କରିବା ପାଇଁ ବିଭାଗୀୟକା ଦାବି ହୋଇଛିୟ । କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଅନୁରୋଧ ହୋଇଛି ।

## ଅବ୍ୟବସ୍ଥା ଘେରରେ ଜୁନାଗଡ଼ ତହସିଲ

ଜୁନାଗଡ଼,(ମହାଭାରତ): କଳାହାଣ୍ଡିର ଏତିହସିକ ପୁରାତନ ରାଜଧାନୀ ଜୁନାଗଡ଼ରେ ଥିବା ତହସିଲ କାର୍ଯ୍ୟାଳୟ ଅବ୍ୟବସ୍ଥା ମଧ ହୋଇ ଗତି କରୁଛି। ୩୪ ଗୋଟି ଗ୍ରାମ ପଞ୍ଚାୟତକୁ ଗୋଟିଏ ଭବମ ଓ ୧୬୬ ଟି ରାଜସ୍ୱ ଗ୍ରାମ ତଥା ୧୧ ଗୋଟି ରାଜସ୍ୱ ମଣ୍ଡଳ କୁ ନେଇ ଗଠିତ ଏହି ତହସିଲରେ ଜମି ମାପ,ନୂତନ ପଟା ଜମିର କିସମ ପରିବର୍ତ୍ତନ ଆଦି କାର୍ଯ୍ୟପାଇଁ ଶହ ଶହ ବ୍ୟକ୍ତି ଦୈନିକ ଏହି ତହସିଲ କୁ ଆସିଥାନ୍ତି। ହେଲେ ନିଜ କାର୍ଯ୍ୟ ହୋଇ ନ ପାରିବାରୁ ନିରାଶ ହୋଇ ଫେରି ଯାଉଛନ୍ତି। ରାଜ୍ୟ ସରକାର ଦାଖଲ କାର୍ଯ୍ୟ ହେବା ପରେ ଜମି ପଟା ଖାତାଦାର ଙ୍କୁ ପୋଷ୍ଟ ମାଧ୍ୟମରେ ପଠାଇବା ପାଇଁ ବ୍ୟବସ୍ଥା କରିଛନ୍ତି। ହେଲେ ଏହି ତହସିଲ ଏହାର ବ୍ୟତିକ୍ରମ ଦେଖାଯାଇଛି। କେବଳ ଅନଲାଇନ୍ ଉଲେଖରେ ପଟା ହେଉଛି କିନ୍ତୁ ଲୋକଙ୍କ ନିକଟକୁ ପୋଷ୍ଟ ମାଧ୍ୟମରେ ପଠାଯାଉ ନାହିଁ। ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୩୦୦ରୁ ମଧ ଅଧିକ ଲୋକେ ପୋଷ୍ଟ ମାଧ୍ୟମରେ ପଟା ପାଇ ନାହାଁନ୍ତି । ପଟା ପାଇଁ ଆସି କାର୍ଯ୍ୟାଳୟରେ ଗୁହାରି କଲେ ଲୋକଙ୍କୁ ବିଭିନ୍ନ ବାହାନାରେ ଫେରିଆଦିଆଯାଉଛି । ଓଡ଼ିଶା ସେବା ଆଇନ ବଳରେ ଲୋକଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଅବିକଳ ମ୍ୟୁଟେଶନ କେସ ରେକର୍ଡ ନକଲ (ଆର ଓ ଆର)ର ନକଲ ଜମି କିସମ ପରିବହନର ଅବିକଳ ନକଲ ଆଦି ଦେବାପାଇଁ ସମୟ ଓ ଦିନ ନିର୍ଦ୍ଧାରିତ କରାଯାଇଛି ।ହେଲେ ଏଥିରେ ବ୍ୟାପକ ବ୍ୟତିକ୍ରମ ଦେଖାଯାଉଛି । ମାସ ମାସ ଧରି ଲୋକଙ୍କୁ ସାର୍ଟିଫାଏଡ କପି ଦିଆଯାଉନାହିଁ। ଜଣେ କିରାଣୀ ହାତରେ ରେକର୍ଡସ୍ ରୁମ୍ (୨୨) ଧାରା ୧୯ (ସି),ଆଦି ଗୁରୁ ପୂର୍ଣ୍ଣ ଦାୟି ଦିଆଯାଇ ଅନ୍ୟ କିରାଣୀ ମାନଙ୍କୁ କୌଣଷି କାର୍ଯ୍ୟ ଭାର ଦେଇନଥିବାରୁ ଉପଭୋକ୍ତା କାଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପନ୍ନ ହୋଇପାରୁନାହିଁ। ନୂତନ ଭାବରେ ଯୋଗଦାନ କରିଥିବା ଅତିରିକ୍ତ ତହସଲଦାରଙ୍କ କାର୍ଯ୍ୟ ଶ୍ରେଣୀକୁ ମଧ ଅଫିସ୍ ଷ୍ଟାପ ଓ ସାଧାରଣ ଜନତା ନାପସନ୍ଦ କରୁଛନ୍ତି। ଆଜି କରିଦେବି କାଲି କରିଦେବି ବୋଲି କହି ଅତିରିକ୍ତ ତହସିଲଦାର ଦିନଗଡାଉ ଥିବାରୁ ସାଧାରଣ ଜନତା ଏଥିରେ ହଇରାଣ ହେଉଛନ୍ତ। ଏଣୁ ସବୁ ଅବ୍ୟବସ୍ଥାକୁ ଜିଲ୍ଲାପାଳ ତୁରନ୍ତ ଧ୍ୟାନ ଦେବେ ବୋଲି ସର୍ବସାଧାରଣରେ ଦାବି ହେଉଛ।

# ରାଜପୁର ଡକାୟତ ଘଟଣାର ପର୍ଦ୍ଦାଫାସ୍ କଲା କଳାହାଣ୍ଡି ପୋଲିସ

**ଜୁନାଗଡ,(ମହାଭାରତ) :** ଜୁନାଗଡ ଥାନା ଅନ୍ତର୍ଗତ ରାଜପୁର ଗ୍ରାମ ର ବୈଷକ୍ଷନର ନାଏକ ଙ୍କ ଘରୁ ଡକାୟତ ମାନେ ପଶି ନଗଦ ଟଙ୍କା ଓ ଗହଣା ଲୁଟ୍ କରି ଫେରାର ଥିବା ଡକାୟତ ଗ୍ୟାଙ୍ଗକୁ କଳାହାଣ୍ଡି ପୋଲିସ ଗିରଫ୍ କରି ପାର୍ଦକ୍ଷ ଫାସ୍ କରିଛି। ଜୁନାଗଡ ଥାନା ପରିସର ମଧ୍ୟ ରେ ଆଜି କଳାହାଣ୍ଡି ପୋଲିସ ପକ୍ଷ୍ୟରୁଏକ ପ୍ରେସ ମିଟ୍ କରି ରାଜପୁର ଡକାୟତ ଦଳ ର ୫ ଜଣ ଅଭିଯୁକ୍ତ, ଜବତ ଟଙ୍କା ଓ ସୁନାଗହଣା ସାମ୍ନା କୁ ଆଣି ଏହି ଡକାୟତି ଘଟଣାର ପର୍ଦାଫାସ କରିବା ସହ ପ୍ରେସ ବିବୃତି ରଖିଥିଲେ। ଏଥିରେ ଧର୍ମଗଡ଼ ଉପଖଣ୍ଡ ପୋଲିସ୍ ଅଧିକାରୀ ମନୋଜ କୁମାର ବେହେରା, ଜୁନାଗଡ ଆଇ ଆଇ ସି ଉଲ୍ଲାସ ରାଉତ ,ଧର୍ମଗଡ଼ ଆଇ ଆଇ ସି, ଓ ଜୟ ପାଟଣା ଆଇ ଆଇ ସି ଶେଷ ଦେବ ବେହେରା ,ଚିଲିଗୁଡା ଫାଣ୍ଡି ଅଧିକାରୀ ସୁବୋଧ କୁମାର ଫୁଲ , ପ୍ରମୁଖ ଉପସ୍ଥିତ ରହିଥିଲେ। ଗତ ୧ ତାରିଖ ରାତ୍ର ୧ ଘଣ୍ଟକ୍ଷ ସମୟ ରେ ରାଜପୁର ଗ୍ରାମ ର ବୈଶ୍ୟକ୍ଷନର ନାଏକ ଙ୍କ ଘରେ ପ୍ରାୟ ୧୦ ରୁ ଉର୍ଦ୍ଧ ସଶସ୍ତ୍ର ଡକାୟତ ଜବରଦସ୍ତିସ ପଶି ଘର ଲୋକଙ୍କୁ ଭୟଭୀତ କରି ନଗଦ ୪ ଲକ୍ଷ୍ୟ ଟଙ୍କା ଓ ୧୩ ଭରି ସୁନାଗହଣା ଲୁଟି ନେଇ ଫେରାର୍ ହୋଇଯାଥିଲେ । ଏହି ସଂକ୍ରାନ୍ତ ରେ ଜୁନାଗଡ ଥାନା କେଶ୍ ନ ୨୯୭/ ୨୪ ଅନୁଯାଇ ଏକ କେଶ୍ ରୁଜୁ କରିବା ସହ କଳାହାଣ୍ଡି ଏସ୍ ପି ଅଭିଳାଷ ଜି ଏକ ସ୍ଵତନ୍ତ୍ର ଟିମ ଗଠନ କରି ତଦନ୍ତ ଓ ଛାନଭିନକ୍ଷ ଜୋରଦାର କରିଥିଲେ। ଏହି ଟିମ ବିଭିନ୍ନ ଅଞ୍ଚଳରେ ଛାନଭିନ୍ କରିବା ସହ ଏହି ଡକାୟତି ରେ ସମ୍ପୃକ୍ତ ଥିବା ୫ ଜଣ ଅଭିଯୁକ୍ତଙ୍କୁ କମ୍ ଦିନ ମଧ୍ୟରେ ଗିରଫ କରିବାରେ ସଫଳ ହୋଇଥିଲେ । ଗିରଫ ହୋଇଥିବା ଅଭିଯୁକ୍ତ ଠାରୁ ନଗଦ ୧ ଲକ୍ଷ୍ୟ ୭୦ ହଜାରଟଙ୍କା ସହ ଏକ ସୁନାର ନେକ୍ଲେସ୍ ସହ ଏକ ମଙ୍ଗଳ ସୂତ୍ର ଜବତ କରିଥିଲେ । ଏହି ଡକାୟତ ଦଳ କିଛି ସ୍ଥାନୀୟ ଅଞ୍ଚଳର ଲୋକ ହୋଇଥିବା ବେଳେ ଆଉ କେତକ ନବରଙ୍ଗପୁର, ରାଇଗଡ଼କ୍ଷ , କୋରାପୁଟ ଅଞ୍ଚଳ ର ହୋଇଥିବା ପ୍ରକାଶ କରିଛନ୍ତି । ଏହି ଡକାୟତ ଦଳ ରେ ଏମାଙ୍କ ସହ ଆହୁରି ୬ ରୁ ୭ ଜଣ ସମ୍ପୃକ୍ତି ଥିବା ରୁ ସେମାନଙ୍କୁ ଗିରଫ ପାଇଁ ତଦନ୍ତ ଓ ଛାନଭିନ୍ ଜାରି ରହିଥିବା ପ୍ରକାଶ କରିଛନ୍ତି । ଏହି ତଦନ୍ତ ପ୍ରକିୟା ରେ ବାଧା ଉପୁଜିବକ୍ଷ ସମ୍ଭାବନା ଥିବାରୁ ଅଭିଯୁକ୍ତ ଙ୍କ ନାମ ଓ ଠିକଣା ଗୋପନ ରଖିଥିବା ଉପଖଣ୍ଡ ପୋଲିସ୍ ଅଧିକାରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ଏଥିସହ ଅତିଶୀଘ୍ର ଡକାୟତ ଗ୍ୟାଙ୍ଗ ର ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ହେଲେ ରାଜପୁର ଡକାୟତ ପୂର୍ବରୁ ଚିଚେଇଁ ଗୁଡା ମନ୍ଦିର ନିକଟ ରେ ଜଣେ ଓକିଲ ଙ୍କ ଠାରୁ ଲୁଟ କରିଥିବା ଡକାୟତ ମାନେ ଧରା ପଡି ନଥିବା ବେଳେ ଗିରଫ ହୋଇଥିବା ଡକାୟତ ଦଳ ଏବଂ ଫେରାର୍ ଥିବା ଡକାୟତ ମାନେ ଜୟପାଟଣା ଅଞ୍ଚଳ ରେ ହେଇଥିବା ଡକାୟତ ରେ ସମ୍ପୃକ୍ତି ଥିବା ସହ ଏକାଧିକ ଲୁଟ ଓ ଡକାୟତ ଘାଟନକ୍ଷ ରେ ସମ୍ପୃକ୍ତି ଥିବା ପୋଲିସ ପ୍ରକାଶ କରିଛି ।

### ଲକ୍ଷ୍ମୀ ବସ୍‌ରେ ଲକ୍ଷ୍ମୀଙ୍କର ନାହିଁ ଦୟା

# ଦୁଇ ଶହ ଟଙ୍କା ରୋଜଗାର କରି ପାରୁନାହି

**ହାଟଡିହି,(ମହାଭାରତ) :** ସାଧାରଣ ନିର୍ବାଚନ ପୂର୍ବରୁ ସରକାର ଗ୍ରାମାଞ୍ଚଳ ଲୋକଙ୍କୁ ବ୍ଲକ ଆସିବା ପାଇଁ ସୁବିଧା କରିବା ଲକ୍ଷ୍ୟରେ ଲକ୍ଷ୍ମୀ ଯୋଜନା ଦ୍ଵାରା ଲକ୍ଷ୍ମୀ ବସ୍ ସେବା ଯୋଗାଇ ଦେଇଛନ୍ତି। କିନ୍ତୁ ସାଧାରଣ ନିର୍ବାଚନ ଦିନ ରୁ ଏବେ ପର୍ଯ୍ୟନ୍ତ ବସ୍ ଗୁଡ଼ିକ କ୍ଷତି ରେ ଚାଲୁଥିବା ଦେଖିବାକୁ ମିଳୁଛି। ଯାହାକି ପ୍ରତିଦିନ ମାତ୍ର ଦୁଇ ଶହ ଟଙ୍କା ରୋଜଗାର କରି ପାରୁନଥିବା ଦେଖିବାକୁ ମିଳିଛି। ହାଟଡିହି ବ୍ଲକରେ ସାତ ଗୋଟି ବସ୍ ସେବା ପ୍ରଦାନ କରୁଥିବା ବେଳେ ପ୍ରତି ପଞ୍ଚାୟତ କୁ ଯୋଗାଯୋଗ କରି ପାରୁନାହିଁ। ତାହା ଛଡା ହାଟଡିହି ବ୍ଲକ ନିକଟରେ ବସ୍ ଗୁଡ଼ିକ



ର ସମୟ ସାରଣୀ ନଥିବାରୁ ବ୍ଲକ ରୁ ଲୋକ ଯିବାକୁ ଦ୍ଵନ୍ଦ ରେ ବିଭିନ୍ନ ବସ୍ ଫେଲ୍ ହେବାକୁ ପଡୁଛି। ତେଣୁ ସେଥିପାଇଁ ମଧ୍ୟ କେତେକ ଆଶା ହରାଉ ଛନ୍ତି। ତାହାଛଡା କେଉ ବସ୍ କେଉଁ ସ୍ଥାନରୁ ବାହାରି ଯେଉଁଠିକୁ ଯିବ ତାହା କେବଳ ବସ୍ ଚାଳକ ଓ ବସ୍ ପରିଚାଳକ ଅବଗତ ହୋଇଛନ୍ତି।ବସ୍ କୁ ଭରଷା କରି ଆସୁଥିବା ଲୋକେ ସମୟ ସାରଣୀ ନଥିବାରୁ ଘରକୁ ଫେରିବା ସମୟ ରେ ବସ୍ ଗୁଡିକକୁ ଫେଲ ହେବାକୁ ପଡୁଛି। ଏହା ଛଡା ବ୍ଲକ ନିକଟରେ ବସ ଷ୍ଟପ ନଥିବାରୁ ଲୋକ ଏବେ ବର୍ଷା ଦିନ ରେ ବିଭିନ୍ନ ଦୋକାନ ଓଳି ରେ ଛିଡା ହୋଇ ବସ୍ କୁ ଅପେକ୍ଷା କରୁଛନ୍ତି। ଯଦି ଜିଲ୍ଲା ବସ୍ ପରିଚାଳନା ସଂସ୍ଥା ଓ ଓଡ଼ିଶା ସରକାର ଏଥି ପ୍ରତି ଧ୍ୟାନ ଦିଅନ୍ତେ ଲୋକେ ଯିବା ଆସିବା କରିବା ପାଇଁ ଇଚ୍ଛା ପ୍ରକାଶ କରେନ୍ତେ। ତାହା ଛଡା ସରକାର ପ୍ରତି ଦିନ ବସ୍ ପିଛା ଚାରି ହଜାର ଟଙ୍କା ଖର୍ଚ୍ଚ କରି ଦେଢ଼ ଶହ ଟଙ୍କା ରୁ ଅଧିକ ରୋଜଗାର କରିପାରନ୍ତେ।

# ସେବାଶ୍ରମରେ ନାବାଳିକା ମୃତ କାରଣ ଲୁଚଉଚନ୍ତି ସ୍କୁଲ୍ କର୍ତୃପକ୍ଷ

**ନାରାୟଣପାଟଣା,(ମହାଭାରତ) :** କୋରାପୁଟ ଜିଲ୍ଲା ରେ ଗରିବ ଅସହାୟ ଆଦିବାସୀ ପିଲାଙ୍କ ପାଠ ପଢ଼ିବା ପାଇଁ ରାଜ୍ୟ ସରକାର ସେବାଶ୍ରମ ଖୋଲିଛନ୍ତି। ହେଲେ ସେଠାରେ ଛାତ୍ର ଛାତ୍ରୀ ସୁରକ୍ଷିତ ନୁହଁନ୍ତି ।ଆଜି ଏଇ ଭଳି ଏକ ଘଟଣା ସାମନାକୁ ଆସିଛି ।ବନ୍ଧୁଗାଁ ବ୍ଲକ୍ ବାଉଁସପୁଟ ସେବାଶ୍ରମର ଆଜି ଜଣେ ତୃତୀୟ ଶ୍ରେଣୀର ଛାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ବନ୍ଧୁଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଜଣା ପଡ଼ିଛି ।ଖବର ନେବାରେ ଜଣା ପଡିଛିକି ।ଆଜି ସକାଳେ ସ୍କୁଲରେ ପ୍ରାର୍ଥନା ସରିବା ପରେ ନାବାଳିକା ଛାତ୍ରୀ ଜଣକ କିଛି ବହି ଆଣିବା ପାଇଁ ନିଜ ରହୁଥିବା ରୁମ୍ କୁ ଜାଇ ଖଟ ଉପରେ ଚଢ଼ି କାଢୁଥିବା ବେଳେ ତଳେ ଖସି ପଡ଼ିଥିଲେ ।ହେଲେ ଏହା ସେଠାକାର ଜଣେ ପାଚିକା ଦେଖି ପ୍ରଧାନ ଶିକ୍ଷକ ସଦାନନ୍ଦ ହାଲବା ଙ୍କୁ ଜଣାଇଥିଲେ ।ଖବର ପାଇ ଶ୍ରୀଯୁକ୍ତ ହାଲବା ଛାତ୍ରୀଙ୍କୁ ନେଇ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ ହେଲେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ସିଏ ଜାଇ ଥାନାରେ ଏତଲା ଦେଇଥିଲେ ।ହେଲେ ସେବାଶ୍ରମ କର୍ତ୍ତୃ ପକ୍ଷ ମୂର୍ଚ୍ଛା ରୋଗରେ ମୃତ୍ୟୁ ବରଣ କରିଥିବା ଏତଲାରେ ଦର୍ଶାଇ ଥିବା ପୋଲିସ କହିଛି ।ହେଲେ ମୂର୍ଚ୍ଛା ରୋଗରେ ନା ଅନ୍ୟ କାରଣରୁ ଛାତ୍ରୀର ମୃତ୍ୟୁ ଘଟିଛି ତାହା ଏବେ ପୋଲିସ ସ୍ୱଷ୍ଟ କରି ପାରିନି। ଅନ୍ୟପଟେ କାହାର ଅବହେଳା ପାଇଁ ଏକ ମୂଲ୍ୟବାନ ଜୀବନ ଚାଲି ଗଲା ତାର ତଦନ୍ତ ପାଇଁ ସବୁ ମହଲରେ ଦାବି ହୋଇଛି ।ନଚେତ୍ ଅନେକ ଗରିବ ପରିବାର ନିଜ ନିଜ ପିଲାଙ୍କୁ ସେବାଶ୍ରମର ଛାଡ଼ିବାକୁ ଭୟ କରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଘଟଣାଟି ସକାଳ ଦଶଟାରେ ଘଟିଥିବା ବେଳେ ସନ୍ଧ୍ୟା ସାଢ଼େ ଛଅଟାରେ କଣ ପାଇଁ ବ୍ୟବଚ୍ଛେଦ କରାଗଲା ତାହା ସନ୍ଦେହକୁ ଅଧିକ ଘନୀଭୂତ କରିଛି।

# ଅନିର୍ଦ୍ଧିଷ୍ଟ କାଳ ପାଇଁ ସମବାୟ କାର୍ଯ୍ୟବନ୍ଦ ଆନ୍ଦୋଳନ

**ହାଟଡିହୀ,(ମହାଭାରତ) :** ହାଟଡିହୀ ବ୍ଲକ ମା' ଗଡ଼ଚଣ୍ଡୀ ପାଠ ନିକଟରେ୪ଦଫା ଦାବି ପୂରଣ ନେଇ ସମବାୟ ସମିତିର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ଜରୁରୀ ଆଲୋଚନା ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସଭାପତି ଶରତ ସେଠୀ, ସମ୍ପାଦକ ଅକ୍ଷୟ କବି,ରାମଚନ୍ଦ୍ର ଜେନା, ଉମାକାନ୍ତ ନାୟକ, ସୁରେନ୍ଦ୍ର ପତି, ଦେବାଶିଷ ଧଳ, ଦିବାକର ଖଟୁଆ, ଅଭିମନ୍ୟୁ ପତି, ପଙ୍କଜ ବରାଳ, ରାମଚନ୍ଦ୍ର ଜେନା, ବିଭୂତି ଭୂଷଣ ସେଠୀ, ସୁଶାନ୍ତ ମହାରଣାଙ୍କ ସହ ଅନ୍ୟ କର୍ମଚାରୀ ମାନେ ସାମିଲ ହୋଇଥିଲେ। ସମସ୍ତ ଲ୍ୟାମ୍ପସ/ ପ୍ୟାକ୍ସରେ କାର୍ଯ୍ୟରତ କର୍ମଚାରୀ ମାନଙ୍କର ଆଭ୍ୟନ୍ତରୀଣ ଦୂରବସ୍ଥା ନିରାକରଣ ନିମନ୍ତେ



୪ଦଫା ସମ୍ବନ୍ଧିତଦାବିପତ୍ର ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ବିଜ୍ଞପ୍ତି ପତ୍ର ଲେଖାଗଲା। ଦାବି ପୂରଣନେଇ କେନ୍ଦୁଝର ମଣ୍ଡଳ ଉପନିବନ୍ଧକ, ସମବାୟ ସମିତି ସମୂହଙ୍କ ନିକଟକୁ ତିନିଥର ଦାବିପତ୍ର ଦିଆ ଯାଇଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ନମିଳିବାରୁ ସୋମବାର ଠାରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ନେଇସଂଘ ପକ୍ଷରୁ ନିଷ୍ପତି ନିଆଯାଇଛି ଓ ପ୍ରକାଶ ଥାଉକି, ବର୍ତ୍ତମାନ ଚାଲୁଥିବା ଖରିଫରଣ ଲଗାଣ, ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜିକରଣ, ଧାନ ପଞ୍ଜିକରଣ, ଫସଲରିନର ଏଣ୍ଟ୍ରି ସମେତ ଅନ୍ୟ କାର୍ଯ୍ୟ ଗୁଡ଼ିକ ବନ୍ଦ କରାଯିବାରୁ ଚାଷୀ ନାହିଁ ନଥୁବାଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଶଙ୍କା କରାଯାଇଛି । ଏଣୁ ବିଭାଗୀୟଉପରିସ୍ଥ ଅଧିକାରୀ ଚାଷୀଙ୍କ ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଓ.ପି. ଜିନ୍ଦଲଙ୍କ ୯୪ ତମ ଜୟନ୍ତୀ ପାଳିତ

**ପାରାଦୀପ,(ମହାଭାରତ) :** ଜେଏସଡବ୍ଲୁ ଗ୍ରୁପର ପ୍ରତିଷ୍ଠାତା ଓ.ପି.ଜିନ୍ଦଲ ଙ୍କର ୯୪ ତମ ଜନ୍ମବାର୍ଷିକୀ ସ୍ଥାନୀୟ ପାରାଦୀପ ସ୍ଥିତ କାର୍ଯ୍ୟାଳୟ ପରିସରରେ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ଜେଏସଡବ୍ଲୁ ର ବରିଷ୍ଠ ଅଧିକାରୀ ଧନଞ୍ଜୟ ସିହ୍ନା, ନିର୍ମଳେନ୍ଦୁ



ପୁରୋହିତଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ସ୍ଵର୍ଗତ ଓ.ପି.ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ୧୯୩୦ ମସିହାରେ ଜନ୍ମ ଗ୍ରହଣ କରିଥିବା ଓମ ପ୍ରକାଶ ଜିନ୍ଦଲ (ଓ.ପି.ଜିନ୍ଦଲ) ସାରା ଭାରତ ବର୍ଷରେ ଇସ୍ପାତ ଶିଳ୍ପ ଜଗତର ଜଣେ ଜଣାଶୁଣା ବ୍ୟକ୍ତିତ୍ଵ । ତାଙ୍କର ସେହି ଯୁଗାନ୍ତକାରୀ ପଦକ୍ଷେପ ପାଇଁ ଆଜି ଜିନ୍ଦଲ ଗ୍ରୁପ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି। ଏହି ଅବସରରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲର ସ୍ଥାନୀୟ ପାରାଦୀପ ସ୍ଥିତ ଜଟାଧାର ଭବନ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରେ ୧୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଜାତୀୟ ହସ୍ତ ତନ୍ତ ଦିବସ ପାଳିତ

**ରାୟଗଡ,(ମହାଭାରତ) :** ଜାତୀୟ ହସ୍ତ ତନ୍ତ ଦିବସ ପାଳନ ଅବସରରେ ଓଡିଶା ସରକାରଙ୍କ ହସ୍ତ ତନ୍ତ, ବୟନାଶିଳ୍ପ ଓ ହସ୍ତ କଳା ବିଭାଗର ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶକୁ ଅନୁପାଳନ କରାଯାଇଛି । ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟେୱାନ ମହାଜନଙ୍କ ସମେତ,



ଅତିରକ୍ତ ଜିଲ୍ଲାପାଳ ଭାସ୍କର ରୋଇତ ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ, ଶ୍ରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ଗୁଣପୁର ସୁଶ୍ରୀ କିରଣଦୀପ କୌର ସାହାଟେ, ଉପଜିଲ୍ଲାପାଳ ରାୟଗଡା ଶ୍ରୀମତୀ ସଂଘମିତ୍ରା ଦେବୀ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଓ କର୍ମଚାରୀ ମାନେ ଏହି ଦିବସରେ ହସ୍ତତନ୍ତ ବୁନା ବସ୍ତ୍ର ପରିଧାନ କରିଥିବା ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଜିଲ୍ଲାର ଜନସାଧାରଣ ଓ ଗଣମାଧ୍ୟମ ପ୍ରତନିଧି ମାନେ ମଧ୍ୟ ଏହି ବସ୍ତ୍ର ପିନ୍ଧି ଏହି ଦିବସରେ ଖୁସିରେ ହାତ ମିଳାଉଥିବା ଦେଖିବାକୁ ମିଳିଥିଲା । ପ୍ରତି ସପ୍ତାହର ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ଓଡ଼ିଶାର ବୁଣାକାର ମାନଙ୍କ ଦ୍ୱାରା ବୁଣାଯାଉଥିବା ବସ୍ତ୍ର ପରିଧାନ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ଅରବିନ୍ଦ ପାଢ଼ୀଙ୍କ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ଏହାଦ୍ୱାରା ସ୍ଥାନୀୟ ବୁଣାକାର ଜୀବନ ଜୀବିକା ବଂଚିବା ସହିତ କଳାକୁ ବଞ୍ଚାଇ ସବୁଦିନ ପାଇଁ ରହିବ ।

# ଭାଲୁ ଆକ୍ରମଣରେ ଚାଷୀ ଗୁରୁତର



**କରଞ୍ଜିଆ,(ମହାଭାରତ) :** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ରେଞ୍ଜ କେଶଡିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିରୁପଦା ଗ୍ରାମରେ ମଙ୍ଗଳବାର ସକାଳେ ଏକ ଭାଲୁ ଆକ୍ରମଣ ରେ ଜଣେ ଚାଷୀ ଗୁରୁତର ହୋଇଛନ୍ତି ।ଆକ୍ରମଣ ରେ ଗୁରୁତର ଚାଷୀ ଜଣକ ହେଉଛନ୍ତି ସେହି ଗ୍ରାମର ମରା ପୂର୍ତ୍ତି ଙ୍କର ପୁଅ କଣ୍ଡେରାମ ପୂର୍ତ୍ତି ୨୨ ବର୍ଷ ର ବୋଲି ଜଣାପଡ଼ିଛି। ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଅଟୋ ଯୋଗେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି ।ସୂଚନା ଅନୁଯାୟୀ ମରା ସକାଳେ ତାଙ୍କ ଧାନ ବିଲକୁ କାମ କରିବାକୁ ଯାଇଥିଲେ। ବିଲରେ କାମ କରୁଥିବା ସମୟରେ ବିଲକୁ ଲାଗି ଜଙ୍ଗଲ ଥିବାରୁ ଜଙ୍ଗଲ ଭିତରୁ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଦେଇଥିଲା ।ଭାଲୁ ଆକ୍ରମଣ ରେ ତାଙ୍କର ମୁଣ୍ଡ , ଗୋଡ ଓ ହାତରେ ଗଭୀର କ୍ଷତ ହୋଇଛି। ସେ ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

# ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ନିମନ୍ତେ ପ୍ରସ୍ତୁତି

**କୋକସରା,(ମହାଭାରତ) :** କୋକସରା ବ୍ଲକ ସଭାଗୃହ ଠାରେ ମଙ୍ଗଳବାର ୭୮ତମ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପରାଜ ମେହେର, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦୀନବନ୍ଧୁ କର, ସମସ୍ତ କନିଷ୍ଠ ଯନ୍ତ୍ରୀ ସମେତ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ସ୍ୱାଧିନତା ଦିବସ କେମିତି ସୁରୁଖୁରୁରେ ପାଳନ ହେବ ସେନେଇ ଆଲୋଚନା କରିଥିଲେ। ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତି ବିଶେଷ ଓ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ମାନିତ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲ।

# ସାମ୍ନାକୁ ଆସୁହି ଅସହାୟଙ୍କ ବିକଳ ନଗ୍ନ ଚିତ୍ର

**କୋରେଇ,(ମହାଭାରତ) :** ପାଣିକୋଇଲି ସିଜୁଛି ତ ପୁଣି କିଏ ବର୍ଷାରେ ଭିଜୁଛି, ଏକବିଂଶତମ ଶତା ତାବ୍ଦୀରେ ମଣିଷ ପାଦ ଦେଇଥିବା ବେଳେ ସାମ୍ନାକୁ ଆସୁହି ଅସହାୟଙ୍କ ବିକଳ ନଗ୍ନ ଚିତ୍ର । ସାଧାରଣତଃ ମେ ରାସ୍ତା ଉପରେ ପାଗଳ ବ୍ୟକ୍ତିଟିଏ ବୁଲୁଥିବାର ଦେଖିଲେ ଘୃଣାରେ ଛି ର ଛ ଛାକର କରିଥାଉ କିମ୍ ଦୟା ହୋଇ ଟଙ୍କାଟିଏ ତା' ହାତକୁ ବା ବଢ଼ାଇ ଦେଇ ଦାୟିତ୍ଵ ସରିଗଲା ବୋଲି ଭାବି ଆତ୍ମ ସନ୍ତୋଷ ଲାଭ କରିଥାଉ ଓ ମାତ୍ର ଆମେ କେବେ ଭାବୁନା ସେହି ପାଗଳ ଲୋକଟି ମଧ୍ୟ କା କାହାର ବାପା କିମ୍ବା ମାଆ ଭାଇ , ଝିଅ, ଭାଇ କିମ୍ବା ଭଉଣୀ ହୋଇଥିବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କ୍ଷମତା ଜମାଳ ଲୋଭନୀୟ ହାତେଇବା ଲାଗି ମାଳମାଳ ଯୋଜନାମ ଘୋଷଣା କରି କ୍ଷମତାକୁ ଆସିବା ପରେ ନିଜର ଦାୟିତ୍ଵ ଓ କର୍ତ୍ତବ୍ୟ ଭୁଲିଯାଇଥାଏ । ନାଗରିକଟିଏ ଖରା ବର୍ଷାରେ ଖାଲି ପାଦରେ ବୁଲୁଥାଏ। ଏଭଳି ବ୍ୟକ୍ତି ରାଜ୍ୟ ତଥା ଦେଶର କୋଣ ଅ ନୁ କେ । ଣ ର ଦେଖାଯାଉଥିବା ବେଳେ ସରକାର କିମ୍ବା କୌଣସି ସରକାରୀ କର୍ମଚାରୀଙ୍କର ମାନଙ୍କ ପ୍ରତି ନିଘା ନଥାଏ । ଯଦି କୌଣସି ସହୃଦୟ ପାଗଳଟି ଲଟିଏ ଦେଖି ନିକଟସ୍ଥ ଥାନାକୁ ଜଣାଏ, ବ ପୁଲିସ ବାବୁ । ମାନେ ତାକୁ ଗାଡ଼ିରେ ବସାଇ ନେଇ ତାଙ୍କ ଥାନା ସୀମା ପାର କରିବା ପରେ ସେମାନ ମାନଙ୍କର ଦାୟିତ୍ଵ ସରିଯାଇଥାଏ ଅତି ବେଶୀରେ ଖାଦ୍ୟ ପୁଡ଼ିଆ ଅଥବା ନିଜର ପୁରୁଣା ଅବ୍ୟବହୃତ ପୋଷାକଟିଏ ଦେଇ ନିଜର କର୍ତ୍ତବ୍ୟ ସାରି ଦେଇଥାଏ। ରାସ୍ତା ଉପରୁ ଅଳିଅ ପୁନଃ ସଫାକରି ସ୍ୱଚ୍ଛ ଭାରତ ଘୋଷଣା କଲେ ହେବନି। ଯଦି ଏମାନଙ୍କ



ଭଳି ଅଲୋଡ଼ା ନାଗରିକଙ୍କୁ ସରକାର ସମାଜର ମୂଖ୍ୟ ସ୍ରୋତରେ ସାମିଲ କରିପାରିବେ ତେବେ ତାହାହିଁ ହେବ ପ୍ରକୃତ ସ୍ୱଚ୍ଛ । ଭାରତର ନିଦର୍ଶନ। ଏମାନଙ୍କ ପ୍ରତି ଦାୟିତ୍ଵ କେବଳ ସରକାରଙ୍କ ନୁହେଁ, ସରକାରୀ କର୍ମଚାରୀ ଓ ସର୍ବୋପରି ସମସ୍ତ ପ୍ରତିନିଧୂ, ସରକାରୀ କମ ଜନ ସାଧାରଣଙ୍କର ଙ୍କର ରହିଛି।

# ଧଣ୍ଡାମୁଣ୍ଡାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ



**ପାଟଣାଗଡ଼,(ମହାଭାରତ) :** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ଜବାହରଲାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ୨୦୨୪-୨୫ କାର୍ଯ୍ୟକ୍ରମ ଅବସରରେ ବ୍ଲକ୍ ସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ଲକ୍ ସହ ଶିକ୍ଷା ଅଧିକାରୀ ତଥା ବିଆର ସି ସି ରୁଦ୍ରଦେବ ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ଵଳନ କରି କୁଇଜ୍ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ପ୍ରତିଯୋଗିତା ରେ ୧୯ ଟି ଉଚ୍ଚ ବିଦ୍ୟାଳୟ ର ୭୬ ଜଣ ପ୍ରତିଯୋଗୀ ଭାଗନେଇ ଥିଲେ । ଅପରାହ୍ଣ ରେ ଆୟୋଜିତ ପୁରସ୍କାର ବିତରଣି ଉତ୍ସବ ରେ ବ୍ଲକ୍ ସହ ଶିକ୍ଷା ଅଧିକାରୀ ରୁଦ୍ର ଦେବ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ବ୍ଲକ୍ ଅଧକ୍ଷା ନିରୁପମା ପଟେଲ, ସମ୍ମାନିତ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଲୁହାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ରାଧାକାନ୍ତ ସୁଆର, ସାଂଗଠନିକ ସମ୍ପାଦକ ତଥା ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ର ଉଦେଶ୍ୟ ଉପରେ ଆଲୋକପାତ କରିବା ସହିତ କୃତୀ ପ୍ରତିଯୋଗୀ ଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରତିଯୋଗିତା ରେ ଧଣ୍ଡାମୁଣ୍ଡା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ସ୍ୱାଗତିକା ଭୋଇ ପ୍ରଥମ , ଲୁହାସିଂହା ସର୍ବୋଦୟ ବିଦ୍ୟାଳୟ ର ଛାତ୍ରୀ ପ୍ରିୟଙ୍କା ମେହେର ଦ୍ଵିତୀୟ ଓ ଧଣ୍ଡାମୁଣ୍ଡା ଛାତ୍ର ନୈତିକ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାଯାଇଛି । କାର୍ଯ୍ୟକ୍ରମ କୁ ଶିକ୍ଷକ ସତ୍ୟବ୍ରତ ବେହେରା, ଶ୍ରୀପତି କୁମ୍ଭାର ପରିଚାଳନା କରିଥିବା ବେଳେ ଗୋପୀନାଥ ସାହୁ, ବିଘ୍ନରାଜ ପ୍ରଧାନ, ସୁବାସ ନାଗ, ସନାତନ ବାରିକ, ଟୁନୁ ଶବର, ଗୋକୁଳାନନ୍ଦ ମେହେର ପ୍ରମୁଖ ସହଯୋଗ କରିଥିବା ବେଳେ ମିତ୍ରଭାନୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଗୁନିଆ ବ୍ଲକ,ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ

**ବେଗୁନିଆ,(ମହାଭାରତ) :** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ପରିସରରେ ବୁଧବାର ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧକ୍ଷତାରେ ଆୟୋଜିତ ଅଧିବେଶନରେ ବିଡିଓ ଲକ୍ଷ୍ମୀଧର ସାହୁ, ଏବିଡିଓ ସୁମିତ୍ରା ଜେନା, ଆସିଷ୍ଟାଣ୍ଟ ଇଞ୍ଜିନିୟର ସୁସ୍ମିତା ମିଶ୍ର,ଉପାଧକ୍ଷା ସାବିତ୍ରୀ ମହାପାତ୍ର,ସାସଂଦଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ରଣବିଜୁଳି ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ ।୨୧ଟି ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ ।ଜିପିଇଓ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ ।ଦୀର୍ଘ ବର୍ଷ ହେଲା ବ୍ଲକ ଅଞ୍ଚଳରେ ଲାଗି ରହିଥିବା ଗୁରୁତ୍ୱ ପୂର୍ଣ୍ଣ ସମସ୍ୟା ଓ ଉନ୍ନତି ଦିଗରେ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ଓ ବ୍ଲକ ଅଞ୍ଚଳରେ ଲାଗିରହିଥିବା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଅଧିବେଶନରେ ଅସନ୍ତୋଷ ଦେଖା ଦେଇଥିଲା। ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି କରୁନାହିଁ ।ପ୍ରକାଶଥାଉକି ପୂର୍ବ ୪ ଟି ଅଧିବେଶନରେ ଲୋକଙ୍କ ମୌଳିକ ଆବଶ୍ୟକତା ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ,ପାନୀୟ ଜଳ ଯୋଗାଣ, ସାଧାରଣ ବଣ୍ଟନ,ଶିକ୍ଷା, କୃଷି,ପରିମଳ, ଏମଜିଏନ ଆରଇଜିଏସ କାର୍ଯ୍ୟକାରୀ ସମ୍ପର୍କିତ ଆଲୋଚନା କରାଯାଇଥିଲା। ସମସ୍ୟା କି ଭଳି ଦୁର ହେବ ଏବଂ ଗାଁ ପରିବେଶ ବିକଶିତ ହେବ ସେ ନେଇ ଗୁରୁତ୍ୱ ଦେବେ ବୋଲି ବିଭାଗୀୟ ଅଧିକାରୀ ମାନେ ପ୍ରତିଶ୍ରୁତି ଦେଇଥିଲେ ।ମାତ୍ର ତାହା ଏବେ ଯାଏଁ କୌଣସି କାର୍ଯ୍ୟକାରୀ ନ ହୋଇ ଅଧୁରା ହୋଇ ରହିଛି ବୋଲି ଉପସ୍ଥିତ ସରପଞ୍ଚ ଓ ସମିତି ସଭ୍ୟ ମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ପ୍ରକୃତ ତଦନ୍ତ କରାଗଲା ନାହିଁ କି ରାସନ ତାଲିକାରୁ ଧନୀ ଶ୍ରେଣୀ ଲୋକଙ୍କ ନାମ ବାଦ୍ ଦିଆଯାଇ ଗରିବଙ୍କ ନାମ ଅନ୍ତର୍ଭୁକ୍ତ କରାଗଲା ନାହିଁ। ସେହିପରି ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସୁବିଧା ଗାଁର ଲୋକେ ୨୦୨୩ ସୁଧା ପାଇବେ ବୋଲି ପୂର୍ବ ଅଧିବେଶନରେ ପ୍ରତିଶ୍ରୁତି ମିଳିଥିଲା ।ହେଲେ ତାହା ଏବେ ଯାଏ ପୂରଣ ହେଲାନି ବୋଲି ଉପସ୍ଥିତ ସରପଞ୍ଚ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପ୍ରକୃତ ହିତାଧିକାରୀଙ୍କୁ ମିଳିପାରୁ ନାହିଁ ପ୍ରମାଣପତ୍ର କାର୍ଡ଼, ୨୦୦ରୁ ଅଧିକ ହିତାଧିକାରୀ ଅନଲାଇନରେ ଆବେଦନ କରି ଅପେକ୍ଷା କରି ରହିଛନ୍ତି। ବିଭିନ୍ନ ପଞ୍ଚାୟତର ବହୁ ପରିବାର ଲୋକଙ୍କୁ ଅନ୍ନପୂର୍ଣ୍ଣା ଅନ୍ତର୍ଦୋୟ ଯୋଜନାରେ ସାମିଲ କରିବା ପାଇଁ ବାରମ୍ବାର ଅବଗତ କରାଇ ଆସୁଥିଲେ ମଧ ତାହା କାର୍ଯ୍ୟକାରୀ ହୋଇ ନାହିଁ ବୋଲି ସରପଞ୍ଚ ମାନେ କ୍ଷୋଭ ପ୍ରକାଶ କରିଥିଲେ। ଟାର୍ଗେଟ ଅନୁସାରେ ଏବଂ ପ୍ରକୃତ ଚୟନ କରାଯାଇ ହିତାଧିକାରୀ ମାନଙ୍କୁ ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତି ଉତ୍ତର ଦେଇଥିଲେ ।ସେହିପରି ବ୍ଲକ ବାସୀ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇ ପାରୁ ନାହାନ୍ତି,ସ୍ୱାସ୍ଥ୍ୟ କେନ୍ଦ୍ର ଅଛି ଓ ପଦବୀ ପୂରଣ ଥାଇ ମଧ ଡାକ୍ତର ମାନେ ନିୟମିତ କେନ୍ଦ୍ରକୁ ଆସୁନାହାନ୍ତି,ସପ୍ତାହକୁ ଦିନେ ପାଳିରେ ଆସି କାମ ଚଳାଇ ପଳାଉଛନ୍ତି,ମହିଳା ସ୍ୱାସ୍ଥ୍ୟ କର୍ମୀ ଥାଇ ମଧ ଗର୍ଭବତୀ ମହିଳାମାନଙ୍କୁ ପ୍ରସୂତୀ ପାଇଁ ଘରୋଇ ଚିକିତ୍ସାଳୟକୁ ପଠାଇ ଦିଆଯାଉଛି ବୋଲି ନାନା ପ୍ରଶ୍ନ କରିଥିଲେ ସମିତି ସଭ୍ୟା ମାନେ। ବିଡିଓ ସାହୁ ସମସ୍ତ ସମସ୍ୟାର ଉପଯୁକ୍ତ ତଦନ୍ତ କରି ସମାଧାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ।

# ତୃତୀୟ ଦିନିକିଆ ସହ ଶ୍ରୀଲଙ୍କା ବିପକ୍ଷ ସିରିଜ ହାରିଲା ଭାରତ

**କଲମ୍ବୋ,୭।୮:** ଦୀର୍ଘ ୨୭ ବର୍ଷ ପରେ ଭାରତ ବିପକ୍ଷରେ କୌଣସି ଦ୍ୱିପାକ୍ଷିକ ସିରିଜ ଜିତିବାକୁ ସକ୍ଷମ ହୋଇଛି ଶ୍ରୀଲଙ୍କା। ଆଜି ସ୍ପିନରଙ୍କ ଦମରେ ଶ୍ରୀଲଙ୍କା ଟିମ ଇଣ୍ଡିଆକୁ ତୃତୀୟ ଦିନିକିଆରେ ୧୧୦ ରନରେ ହରାଇ ଦେଇଛି। ଏଥିସହ ୩ ଟିକିଆ ଦନିକିଆ ସିରିଜକୁ ଘରୋଇ ଟିମ ୨-୦ରେ ଜିତି ନେଇଛି। ପ୍ରଥମ ଦିନିକିଆ ଟାଇ ହୋଇଥିଲା। ଭାରତ ଦିନିକିଆ ବିଶ୍ୱକପର ରନର୍ସ ଅପ ହୋଇଥିବା ବେଳେ ନିକଟରେ ଟି-୨୦ ବିଶ୍ୱକପ ଜିତିଥିଲା। ଭାରତ ଭଳି ଚାମ୍ପିୟନ ଟିମ ବିପକ୍ଷରେ ଶ୍ରୀଲଙ୍କା ୨୧ଶ ଶତାବ୍ଦୀରେ କୌଣସି ସିରିଜ ଜିତିବାକୁ ସକ୍ଷମ ହୋଇଛି।

ଗୌତମ ଗମ୍ଭୀରଙ୍କ କୋଚିଂରେ ଭାରତୀୟ ଟିମ ଶ୍ରୀଲଙ୍କା ଠାରୁ ଦିନିକିଆ ସିରିଜ ହାରି ଲଜ୍ଜାଜନକ ରେକର୍ଡର ଅଧିକାରୀ ହୋଇଛି। ଗୌତମ ଗମ୍ଭୀର ଶ୍ରୀଲଙ୍କା ବିପକ୍ଷ ସିରିଜରୁ ଟିମ ଇଣ୍ଡିଆ ସହ ତାଙ୍କ କୋଚିଂ କ୍ୟାରିୟର ଆରମ୍ଭ କରିଥିଲେ। ଦଳ ତାଙ୍କ କୋଚିଂରେ ଶ୍ରୀଲଙ୍କାକୁ ଟି-୨୦ରେ ସିରିଜରେ ମୂଳପୋଛ କରି ଦେଇଥିଲା। ହେଲେ ଦିନିକିଆ ସିରିଜରେ ଦଳ ମାଟି କାମୁଡ଼ିଛି। ୧୯୯୭ରେ ଶେଷଥର ପାଇଁ ଶ୍ରୀଲଙ୍କା ୩-୦ରେ ଭାରତକୁ ଦିନିକିଆ ସିରିଜରେ ହରାଇଥିଲା। ଏହାପରେ ଖେଳା ଯାଇଥିବା ପ୍ରାୟ ୧୧ଟି ଦ୍ୱିପାକ୍ଷିକ ସିରିଜରେ ଭାରତ ସବୁବେଳେ ବିଜୟୀ ହୋଇ ଆସୁଥିଲା। କିନ୍ତୁ ଏଥର ଶ୍ରୀଲଙ୍କା ମାଟିରେ ଭାରତ ସିରିଜ ପରାଜାର ଲଜ୍ଜା ମୁଣ୍ଡାଇଛି।




ସେହିପରି ଚରିତ ଅସଲଙ୍କା ଶ୍ରୀଲଙ୍କାର ନୂଆ କ୍ୟାପ୍ଟେନ ଭାବେ ଦିନିକିଆ ସିରିଜର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ପ୍ରଥମ ସିରିଜ ଖେଳିବା ସହ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ତୃତୀୟ ଦିନିକିଆରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରିଥିଲା। ଓପନର ଅଭିଷ୍କା ଫର୍ଣ୍ଣାଣ୍ଡୋଙ୍କ ୯୬ ଓ କୁଶଲ ମେଣ୍ଡିସଙ୍କ ୫୯ ରନ ବଳରେ ଦଳ ୭ ୱିକେଟ ହରାଇ ୨୪୮ ରନ କରିଥିଲା। ୨୪୯ ରନର ଟାର୍ଗେଟକୁ ପିଛା କରୁଥିବା ଭାରତ ସ୍ପିନ ଜାଲରେ ଫସି କେବଳ ୨୬.୧ ଓଭରରେ ସମସ୍ତ ୱିକେଟ ହରାଇ ୧୩୮ ରନ ହିଁ କରିବାକୁ ସକ୍ଷମ ହୋଇଛି।

ବ୍ୟାଟିଂରେ ଫ୍ଲପ ହୋଇଥିବା ଦିନୁତ ୱେଲାଲାଗେ ୫ଟି ୱିକେଟ ନେଇଥିବା ବେଳେ ଦ୍ୱିତୀୟ ଦିନିକିଆର ହିରୋ ଜେଫ୍ରୀ ଭଣ୍ଡାରେସ ୨ଟି, ମହୀଶ ତିକଶାନା ୨ଟି ଓ ଅସିତ ଫର୍ଣ୍ଣାଣ୍ଡୋ ଗୋଟିଏ ସଫଳତା ପାଇଛନ୍ତି। ୨୪୯ ରନର ଟାର୍ଗେଟକୁ ପିଛା କରୁଥିବା ଭାରତକୁ ପୁଣିଥରେ ରୋହିତ ଶର୍ମା ଦ୍ରୁତ ଷ୍ଟାର୍ଟ ଦେଇଥିଲେ। କିନ୍ତୁ ଶୁବମନ ଗିଲ ୬ ରନ କରି ଫର୍ଣ୍ଣାଣ୍ଡୋଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ଏହାପରେ ୱେଲାଲାଗେ ଭାରତୀୟ ବ୍ୟାଟରଙ୍କୁ ଘାଇଲା କରିଥିଲେ। ସେ ରୋହିତ ଶର୍ମା (୩୫), ବିରାଟ କୋହଲି(୨୦), ଶ୍ରେୟସ ଆୟର(୮) ଓ ଅକ୍ଷର ପଟେଲ(୨)ଙ୍କ ୱିକେଟ ନେଇଥିଲେ। ଇତି ମଧ୍ୟରେ ତିକଶାନା ୬ ରନ କରିଥିବା ଋଷଭ ପନ୍ତଙ୍କୁ ମଧ୍ୟ ପ୍ୟାଭିଲିୟନ ପଠାଇ ଦେଇଥିଲେ।

ଭାରତର ଶେଷ ଆଶା ରିୟାନ ପରାଗ ଓ ଶିବମ ଦୁବେଙ୍କ ଉପରେ ରହିଥିଲା। କିନ୍ତୁ ଉଭୟଙ୍କୁ ଭଣ୍ଡାରେସ ଆଉଟ କରି ଭାରତର ପରାଜୟକୁ ସୁନିଶ୍ଚିତ କରି ଦେଇଥିଲେ। ରିୟାନ ୧୫ ଓ ଦୁବେ ୯ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତ ୧୦୧ ରନରେ ତା'ର ୮ମ ୱିକେଟ ହରାଇଥିଲା। ଭାରତ ନିଶ୍ଚିତ ପରାଜୟ ଆଡ଼କୁ ଯାଉଥିବା ବେଳେ ୱାଶିଂଟନ ସୁନ୍ଦର କିଛି ବଡ଼ ଶଟ ଖେଳିଥିଲେ। କିନ୍ତୁ ଏହା କେବଳ ସମୁଦ୍ରକୁ ଶଙ୍ଖେ ସଦୃଶ ରହିଥିଲା। ଗୋଟିଏ ପଟେ କୁଲଦୀପ ଯାଦବ ୱିକେଟ ରଖି ଛିଡ଼ା ହୋଇଥିବା ବେଳେ ସୁନ୍ଦର ରନ ହାସଲ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ୨୬ତମ ଓଭରରେ ତାଙ୍କୁ ତିକଶାନା ୩୦ ରନରେ ଆଉଟ କରି ଦେଇଥିଲେ। ଭାରତ ୧୩୮ ରନରେ ୯ମ ୱିକେଟ ହରାଇଥିଲା। ୨୭ତମ ଓଭରର ପ୍ରଥମ ବଲରେ ୱେଲାଲାଗେ ୬ ରନ କରିଥିବା କୁଲଦୀପଙ୍କୁ ଆଉଟ କରି ଭାରତୀୟ ଇନିଂସରେ ପୂର୍ଣ୍ଣଛେଦ ଟାଣିଥିଲେ।

## ୪ଘଣ୍ଟାରେ ୨କିଲୋ ଓଜନ ହ୍ରାସ କରିଥିଲେ ମେରୀ କମ



**ନୂଆଦିଲ୍ଲୀ,୭।୮:** ଆଜି ପ୍ୟାରିସ ଅଲିମ୍ପିକ୍ସରୁ ବିନେଶ ଫୋଗାଟଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଛି। ଏହି ଘୋଷଣା ସହ ଭାରତ ଏକ ପଦକ ହରାଇଛି। ୫୦ କିଲୋଗ୍ରାମ ଶ୍ରେଣୀର ମହିଳା ରେସଲିଂରେ ଭାଗ ନେଇଥିଲେ ବିନେଶ। ପ୍ରଥମ ଦିନ ସେ ବିରୋଧୀ ଟିମକୁ ହରାଇବା ପରେ ବୁଧବାର ପ୍ରତିଯୋଗିତା ପୂର୍ବରୁ ତାଙ୍କ ଓଜନ ୧୦୦ଗ୍ରାମ ଅଧିକ ଥିବା ଜଣାପଡ଼ିଥିଲା । ଏହା ପରେ ସେ ଅଲିମ୍ପିକ୍ ମହିଳା କୁସ୍ତି ଖେଳିବାକୁ ଅଯୋଗ୍ୟ ବୋଲି ଘୋଷଣା କରାଯାଇଥିଲା। ଏହା ପରେ ଲୋକମାନେ କହିବା ଆରମ୍ଭ କରିଛନ୍ତି ଯେ ଏତିକି ଓଜନ ହ୍ରାସ କରାଯାଇପାରିଥାନ୍ତା ଏବଂ ଅନେକ ଖେଳାଳି ଅତୀତରେ ଏହା କରିଛନ୍ତି। ଏଭଳି ସ୍ଥିତିରେ ମେରୀ କମ କିଭଳି ୪ଘଣ୍ଟାରେ ୨କିଲୋ କମ କରିଥିଲେ, ତାହା ଭାଇରାଲ ହେବାରେ ଲାଗିଛି। ମେରି କମଙ୍କୁ ଥରେ ପୋଲାଣ୍ଡର ସିଲେସିଆନ୍ ଓପନ୍ ବକ୍ସିଂ ଟୁର୍ନାମେ ରେ ୪୮କିଲୋଗ୍ରାମ ଓଜନ ବର୍ଗରେ ଖେଳିବାର ଥିଲା। କିନ୍ତୁ ସେହି ଅନୁଯାୟୀ ତାଙ୍କ ଓଜନ ଅତ୍ୟଧିକ ଥିଲା। ଏପରି ପରିସ୍ଥିତିରେ ମେରି କମ ଚାରି ଘଣ୍ଟା ମଧ୍ୟରେ ଦୁଇ କିଲୋ ଓଜନ ହ୍ରାସ କରି ବକ୍ସିଂ କରିବାକୁ ଯୋଗ୍ୟ ପ୍ରମାଣିତ ହୋଇଥିଲେ।

ଭିନେଶଙ୍କୁ ଅଯୋଗ୍ୟ ଘୋଷଣାରେ ଷଡଯନ୍ତ୍ର ହୋଇଛି

## ନୀତା ଅମ୍ବାନୀଙ୍କ ନାମ ନେଲେ ପପୁ ଯାଦବ



**ପାଟନା,୭।୮:** ଆଶ୍ଚର୍ଯ୍ୟଜନକ ଭାବେ ମହିଳା ୫୦ କିଲୋଗ୍ରାମ କୁସ୍ତି ଇଭେ ଫାଇନାଲ ପୂର୍ବରୁ ଅଧିକ ୧୦୦ ଗ୍ରାମ୍ ଓଜନ ଯୋଗୁ ଭାରତୀ। କୁସ୍ତି ଯୋଦ୍ଧା ଭିନେଶ ଫୋଗାଟଙ୍କୁ ବୁଧବାର ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷଣା କରାଯାଇଛି। ଏହି ଘୋଷଣା ପରେ ଦେଶରେ ରାଜନୈତିକ ପ୍ରତିକ୍ରିୟା ମଧ୍ୟ ଆରମ୍ଭ ହୋଇଛି।

ଏହି ଘଟଣାରେ ସାଂସଦ ପପୁ ଯାଦବ ସୋସିଆଲ ମିଡ଼ିଆ ଏକ୍ସରେ ଏକ ବଡ ପ୍ରଶ୍ନ ଉଠାଇଛନ୍ତି। ଶାସକ ଦଳ ବିରୁଦ୍ଧରେ ଏନେଇ ଷଡଯନ୍ତ୍ର ହୋଇଥିବା ସେ ସନ୍ଦେହ ପ୍ରକଟ କରିଛନ୍ତି। ଏହା ସହିତ ସେ ଆଇଓସି ସଦସ୍ୟ ନୀତା ଅମ୍ବାନୀଙ୍କ ନାମ ମଧ୍ୟ ନେଇଛନ୍ତି।

ପପୁ ଯାଦବ ଏକ୍ସରେ ଲେଖିଛନ୍ତି ଭିନେଶ ଫୋଗାଟ ପୁଣି ଅନ୍ୟାୟର ଶିକାର ହୋଇଛନ୍ତି। ଏଭଳିସ୍ଥଳେ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏସନ୍, ଭାରତ ସରକାର ଆଇଓସି ସଦସ୍ୟ ନୀତା ଅମ୍ବାନୀ କଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏନେଇ ଦେଶ ଭିତରୁ ଏକ ଷଡଯନ୍ତ୍ର ରଚ୍ଯାଇଥିବା ସେ ସନ୍ଦେହ ପ୍ରକଟ କରିଛନ୍ତି।

ଭିନେଶଙ୍କ ସଫଳତାକୁ ନେଇ ଲଜ୍ଜିତ ଶାସକ ଦଳ ଷଡଯନ୍ତ୍ର କରିଥିବା ସେ ସନ୍ଦେହ କରିଛନ୍ତି। ଯଦି ଏପରି ହୋଇଥାଏ, ତେବେ ସେଭଳି ବ୍ୟକ୍ତି ବିଶେଷଙ୍କୁ ଲଜ୍ଜା ଜନକ ସ୍ଥିତିର ସାମ୍ନା କରିବାକୁ ପଡିବ। ଏହା ସହିତ ! ଭିନେଶଙ୍କୁ ସାଲ୍ୟୁଟ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଅଲିମ୍ପିକ୍ ଫାଇନାଲରେ ପ୍ରବେଶ କରିଥିବା ପ୍ରଥମ ଭାରତୀୟ ମହିଳା କୁସ୍ତି ଯୋଦ୍ଧା ହୋଇ ଭିନେଶ ଇତିହାସ ସୃଷ୍ଟି କରିଥିଲେ। ତାଙ୍କୁ ବୁଧବାର ବିଳମ୍ବିତ ରାତିରେ ସ୍ୱର୍ଣ୍ଣ ପଦକ ମ୍ୟାଚ୍ ଖେଳିବାର ଥିଲା। ମିଳିଥିବା ସୂଚନା ଅନୁଯାୟୀ, ୧୦୦ ଗ୍ରାମ ଅଧିକ ଓଜନ ଯୋଗୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ଅଯୋଗ୍ୟତା ଅର୍ଥ ହେଉଛି ଭିନେଶଙ୍କୁ ଖେଳରୁ ଖାଲି ହାତରେ ଫେରିବାକୁ ପଡିବ କାରଣ ଅନ୍ତର୍ଜାତୀୟ ନିୟମ ଅନୁଯାୟୀ ତାଲିକାରେ ଅନ୍ତିମ ସ୍ଥାନରେ ରହିବେ। ଏଥି ସହିତ, ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ ପରେ ଭିନେଶଙ୍କ ଅଯୋଗ୍ୟତାକୁ ନିଶ୍ଚିତ କରି ତାଙ୍କ ଗୋପନୀୟତାକୁ ସମ୍ମାନ ଜଣାଇ କହିଛି ଯେ, ଆମେ ଦୁଃଖିତ ଭାବେ ଜଣାଉଛୁ ଯେ ମହିଳା କୁସ୍ତିର ୫୦ କିଲୋଗ୍ରାମ ବର୍ଗରେ ଭିନେଶଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି।

## ନୀରଜ ସ୍ୱର୍ଣ୍ଣ ପଦକ ଜିତିଲେ ଉପହାର ଦେବେ ରିଷଭ




**ପ୍ୟାରିସ,୭।୮:** ପ୍ୟାରିସ୍ ଅଲିମ୍ପିକ୍ସରେ କମାଲ କରିଛନ୍ତି ନୀରଜ ଚୋପ୍ରା । ଜାଭେଲିନ୍ ଥ୍ରୋ' ଫାଇନାଲରେ ପହଞ୍ଚିଲେ ନୀରଜ। କ୍ୱାଲିଫିକେସନରେ ନିଜର ପ୍ରଥମ ପ୍ରୟାସରେ ୮୯ .୩୪ ମିଟର ଜାଭେଲିନ୍ ଫିଙ୍ଗି ସିଧାସଳଖ ଫାଇନାଲ ଟିକେଟ୍ କାଟିଛନ୍ତି । ଚଳିତ ସିଜିନରେ ନୀରଜଙ୍କର ଏହା ଶ୍ରେଷ୍ଠ ପ୍ରଦର୍ଶନ। ପୁଣି ବିଶ୍ୱ ଦରବାରରେ ଚମକିବେ ନୀରଜ ଚୋପ୍ରା। ଟୋକିଓ ଅଲମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରା ପୁଣି ଥରେ ପ୍ରତିଟି ଭାରତୀୟଙ୍କ ସ୍ୱପ୍ନ ପୂରଣ କରିବେ। ଗତକାଲି ନୀରଜ ଫାଇନାଲରେ ପ୍ରବେଶ କରିବା ପରେ କ୍ରିକେଟର ଋଷଭ ପନ୍ତଙ୍କ ନିଆରା ଅଫର। ଯଦି ନୀରଜ ଏଥର ସ୍ୱର୍ଣ୍ଣ ପଦକ ଜିତିବେ, ତେବେ ସେ ଲକ୍ଷେ ଟଙ୍କା ଦେବେ। ଏଭଳି କିଛି ନିଜ ଟ୍ୱିଟର ପୋଷ୍ଟରେ ଲେଖିଛନ୍ତି ପନ୍ତ। ପନ୍ତ କହିଛନ୍ତି, ତାଙ୍କ ପୋଷ୍ଟରେ ଅଧିକ ଲାଇକ୍, କମେ କଲେ ୧୦୦୦୮୯ ଟଙ୍କା ଦେବେ। ପୋଷ୍ଟରେ ନୀରଜ ଲେଖିଛନ୍ତି, ଯଦି କାଲି ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକ ଜିତନ୍ତି, ତେବେ ପୋଷ୍ଟରେ ଅଧିକ ଲାଇକ୍ ଓ କମେ କରିଥିବା ଲକି ବିଜେତାଙ୍କୁ ୧୦୦୦୮୯ ଟଙ୍କା ଦେବି। ସେହିପରି ଅନ୍ୟ ୧୦ ଜଣଙ୍କୁ ଫ୍ଲାଇଟ୍ ଟିକେଟ ମିଳିବ। ଆସନ୍ତୁ ଭାରତରେ ଓ ବାହାରେ ଥିବା ସମସ୍ତେ ନୀରଜ ଭାଇଙ୍କୁ ସମର୍ଥନ କରିବା।

## ଭିନେଶ ଫୋଗାଟଙ୍କୁ ଟାର୍ଗେଟ କଲେ କଙ୍ଗନା

**ନୂଆଦିଲ୍ଲୀ,୭।୮:** ବଲିଉଡ ଅଭିନେତ୍ରୀ ତଥା ମଣ୍ଡି ଏମପି କଙ୍ଗନା ରଣାଓ୍ୱତ କିଛି ନା କିଛି କାରଣକୁ ନେଇ ଚର୍ଚ୍ଚାରେ ରୁହନ୍ତି। କେତେବେଳେ ନିଜ ବେଧଡକ ବୟାନକୁ ନେଇ ତ ଆଉ କେତେବେଳେ ନିଜ ସୋଶାଲ ମିଡିଆ ପୋଷ୍ଟକୁ ନେଇ ସେ ସର୍ବଦା ହେଡଲାଇନରେ ରୁହନ୍ତି। ଏବେ ରେସଲର୍ ଭିନେଶ ଫୋଗାଟଙ୍କ ପ୍ୟାରିସ ଅଲିମ୍ପିକ୍ସରେ ତାଙ୍କ ଯାତ୍ରାକୁ ନେଇ ସମସ୍ତେ ପ୍ରଶଂସା କରୁଥିବା ବେଳେ କଙ୍ଗନା କିନ୍ତୁ ତାଙ୍କୁ କରିଛନ୍ତି ଟାର୍ଗେଟ। ଏହାକୁ ନେଇ ସେ ଏବେ ଚର୍ଚ୍ଚାକୁ ଆସିଛନ୍ତି।



ଭାରତୀୟ ମହିଳା ରେସଲର ଭିନେଶ ଫୋଗାଟ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଇତିହାସ ରଚିଛନ୍ତି। ମହିଳା ୫୦ କିଲୋଗ୍ରାମ ବର୍ଗର ସେମିଫାଇନାଲରେ କ୍ୟୁବା ରେସଲର ୟୁସନିଲିସ ଗୁଜମାନଙ୍କୁ ପରାସ୍ତ କରି ସେ ଫାଇନାଲରେ ପ୍ରବେଶ କରିଛନ୍ତି। ହେଲେ ୫୦ କିଲୋରୁ ଅଧିକ ଓଜନ ଯୋଗୁ ସେ ଫାଇନାଲରେ ଡିସକ୍ୱାଲିଫାଏଡ ହୋଇଛନ୍ତି। ଏତେସବୁ ପରେ ଭିନେଶଙ୍କ ପରିଶ୍ରମ ପାଇଁ ସମସ୍ତେ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି। କିନ୍ତୁ ଅନ୍ୟପଟେ ଅଭିନେତ୍ରୀ କଙ୍ଗନା କିନ୍ତୁ ତାଙ୍କୁ ନେଇ ଦେଇଛନ୍ତି ଭିନ୍ନ ପ୍ରତିକ୍ରିୟା।

ରେସଲର୍ ଭିନେଶ ଫୋଗାଟଙ୍କୁ ନେଇ କଙ୍ଗନା ନିଜ ଇନଷ୍ଟାଗ୍ରାମ ଏକ ପୋଷ୍ଟ ଶେୟାର କରିଛନ୍ତି। ଏଥିରେ ସେ ତ୍ରିରଙ୍ଗା ସହ ଭିନେଶଙ୍କ ଫଟୋ ଶେୟାର କରିଛନ୍ତି। ଆଉ ଏଥିରେ ସେ ଲେଖିଛନ୍ତି, ଭାରତକୁ ତା'ର ପ୍ରଥମ ଗୋଲ୍ଡ ମିଳୁ ବୋଲି ମୁଁ ପ୍ରାର୍ଥନା କରୁଛି। ଭିନେଶ ଫୋଗାଟ ଦିନେ ଆନ୍ଦୋଳନରେ ଭାଗ ନେଇଥିଲେ। ଏଥିରେ ସେ ମୋଦିଙ୍କ ବିରୋଧରେ ନାରା ଦେଇଥିଲେ। ଏହା ସତ୍ତ୍ୱେ ବି ତାଙ୍କୁ ଦେଶର ପ୍ରତିନିଧିତ୍ୱ କରିବାକୁ ସୁଯୋଗ ମିଳିଲା। ସେ ସର୍ବୋ ମ ପ୍ରଶିକ୍ଷଣ, କୋଚ ଏବଂ ସୁବିଧା ପାଇଲେ। ଏହା ହେଉଛି ଗଣତନ୍ତ୍ରର ସୌନ୍ଦର୍ଯ୍ୟ ଏବଂ ଜଣେ ଭଲ ନେତାର ପରିଚୟ। କଙ୍ଗନାଙ୍କ ଏହି ପୋଷ୍ଟ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କହିବାକୁ ଗଲେ ଗତବର୍ଷ ଭିନେଶ ଫୋଗାଟ। ପୂର୍ବତନ ଭାରତୀୟ ରେସଲିଂ ଫେଡେରେଶନ ମୁଖ୍ୟ ବ୍ରିଜ ଭୂଷଣ ସିଂହ ଶରଣଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏହା ପରେ, ସେ ତାଙ୍କ ବିରୋଧରେ ବିରୋଧ ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ସେ ଦୀର୍ଘ ସମୟ ଧରି କୁସ୍ତିରୁ ଦୂରେଇ ରହିଥିଲେ।

## ଫେରିଲେ ଯୋଡ଼ା ପଦକ ଜିତିଥିବା ମନୁ ଭାକର



**ନୂଆଦିଲ୍ଲୀ,୭।୮:** ପ୍ୟାରିସ୍ ଅଲମ୍ପିକ୍ସରେ ନିଜର ସର୍ବୋତ୍ତମ ପ୍ରଦର୍ଶନ କରିବା ପରେ ଶେଷରେ ନିଜ ଦେଶକୁ ଫେରିଛନ୍ତି ସୁଟର୍ ମନୁ ଭାକର। ସେ ଦୁଇଟି ମେଡ଼ାଲ ସହ ସ୍ୱଦେଶକୁ ଫେରିଛନ୍ତି। ଦିଲ୍ଲୀ ବିମାନ ବନ୍ଦରରେ ମହିଳା ସୁଟର ମନୁ ଭାକରଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ୨ଟି ପଦକ ଜିତି ସ୍ୱଦେଶ ଫେରିବା ପରେ ଫ୍ୟାନ୍ସ ମାନଙ୍କ ପକ୍ଷରୁ ମନଙ୍କୁ ଜୋରଦାର ସ୍ୱାଗତ କରାଯାଇଛି। ଏୟାରପୋର୍ଟରେ ମନୁଙ୍କ ସହ କୋଚ୍ ଯଶପାଲ ରାଣା ମଧ୍ୟ ନଜର ଆସିଛନ୍ତି। ଅଲିମ୍ପିକ ଉଦଯାପନୀ ଉତ୍ସବରେ ସାମିଲ ହେବାକୁ ରବିବାର ପୁଣିଥରେ ମନୁ ଭାକର ପ୍ୟାରିସ ଅଭିମୁଖେ ଯିବେ। ୨୨ ବର୍ଷୀୟ ମନୁ ପ୍ୟାରିସ ଅଲିମ୍ପିକ ସୁଟିଂ ବିଭାଗରେ ଦୁଇ ଦୁଇଟି ବ୍ରୋଞ୍ଜ୍ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ମହିଳା ୧୦ ମିଟର ଏୟାର ପିସ୍ତଲ ବ୍ୟକ୍ତିଗତ ଓ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ୨୫ ମିଟର ପିସ୍ତଲ ବ୍ୟକ୍ତିଗତ ଇଭେରେ ଚତୁର୍ଥ ସ୍ଥାନରେ ରହି ତୃତୀୟ ପଦକରୁ ଅଳ୍ପକେ ବଞ୍ଚିତ ରହିଥିଲେ ମନୁ। ୧୨ ବର୍ଷ ପରେ ଭାରତକୁ ବନ୍ଧୁକ ଚଳନାରୁ ପଦକ ମିଳିଥିବା ବେଳେ ମନୁ ଭାରତକୁ ଏକାସାଙ୍ଗରେ ୨ଟି ପଦକ ଭେଟି ଦେଇଛନ୍ତି।

## ଓଜନ କମାଇବାକୁ ଚୁଟି କାଟିଥିଲେ, ରକ୍ତ ବାହାର କରିଥିଲେ ଭିନେଶ

**ପ୍ୟାରିସ,୭।୮:** ଭାରତ ପାଇଁ ଅଲିମ୍ପିକ୍ସରେ ପଦକ ପକ୍କା କରିଥିବା ରେସଲର ଭିନେଶ ଫୋଗାଟଙ୍କୁ ସ୍ୱର୍ଣ୍ଣ ଲଢେ ପୂର୍ବରୁ ଅଯୋଗ୍ୟ ଘୋଷଣା କରାଯାଇଛି। ସେ ମହିଳା ୫୦ କେଜି ବର୍ଗ ରେସଲିଂରେ ଫାଇନାଲକୁ ମଙ୍ଗଳବାର ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲେ। ହେଲେ ବୁଧବାର ତାଙ୍କୁ ଅଧିକ ଓଜନ(୫୦ କେଜିରୁ ଅଧିକ) ପାଇଁ ପୂରା ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷଣା କରାଯାଇଛି। ଏହି ଖବର କୋଟି କୋଟି ଭାରତୀୟଙ୍କ ପଦକ ଜିତିବାର ସ୍ୱପ୍ନକୁ ଚୂରାମାର କରି ଦେଇଛି।



ମଙ୍ଗଳବାର ହ୍ୟାଟ୍ରିକ ବିଜୟ ସହ ଭିନେଶ ଫାଇନାଲରେ ପ୍ରବେଶ କରିଥିଲେ। ହେଲେ ରାତାରାତି ତାଙ୍କ ଓଜନ ୧ କେଜି ବି ଯାଇଥିଲା। ଏହାକୁ କମ କରି ଫାଇନାଲ ମ୍ୟାଚ୍ ପାଇଁ ପ୍ରସ୍ତୁତ ହେବାକୁ ଭିନେଶ ଲାଗି ପଡ଼ିଥିଲେ। ସେ ଓଜନ କମାଇବା ପାଇଁ ନିଜର ଚୁଟି କାଟି ଦେଇଥିଲେ। ଏପରିକି ଶୀରାରୁ କିଛି ରକ୍ତ ମଧ୍ୟ ବାହାର କରି ଓଜନ କମାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏତେ ସବୁ ଉଦ୍ୟମ ପରେ ମଧ ତାଙ୍କ ଓଜନ ଧାର୍ଯ୍ୟ ସୀମା ମଧ୍ୟରେ ରହି ନଥିଲା। ସେ ଓଜନ କମାଇବାକୁ ରାତିରାତି ସାଇକେଲିଂ ମଧ କରିଥିଲେ। ଏତେ ସବୁ ପରିଶ୍ରମ ପରେ ତାଙ୍କ ଓଜନ ୯୦୦ ଗ୍ରାମ କମିଥିଲା। ଆଉ ୧୦୦ ଗ୍ରାମ ଓଜନ ନ କମିବାରୁ ତାଙ୍କୁ ଡିସକ୍ୱାଲିଫାଏଡ କରି ଦିଆଯାଇଥିଲା। ଏହି ଖବର ପାଇବା ପରେ ଭିନେଶ ପୂରା ହତାଶ ହୋଇପଡ଼ିଛନ୍ତି। ସେ ଖବର ପାଇ ଅଚେତ ହୋଇଯିବାରୁ ତାଙ୍କୁ ପ୍ୟାରିସର ଗୋଟିଏ ହସ୍ପିଟାଲରେ ମଧ ଭର୍ତ୍ତି କରାଯାଇଛି।

ଅନ୍ୟପକ୍ଷରେ ଟୋକିଓ ଅଲିମ୍ପିକ୍ସରେ ଦେଶ ପାଇଁ ରେସଲିଂରେ ରୌପ୍ୟ ଜିତିଥିବା ରବି ଦାହିୟା କହିଛନ୍ତି, ଆଥଲେଟମାନଙ୍କୁ ନିଜର ଓଜନ ରିପୋର୍ଟ ଦାଖଲ କରିବା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଦିଆଯାଇଥାଏ। ଉଦାହରଣ ସ୍ୱରୂପ, ଯଦି ଜଣେ ଖେଳାଳିଙ୍କ ଓଜନ ସନ୍ଧ୍ୟା ୮.୦୫ରେ ଧାର୍ଯ୍ୟ ଠାରୁ ଅଧିକ ରହିଥାଏ, ତା'ହେଲେ ଏହାକୁ ହ୍ରାସ କରିବା ପାଇଁ ବେଳେବେଳେ ୮.୩୦ ଯାଏ ସମୟ ଦିଆଯାଇଥାଏ। ଯଦି ୮.୩୧ ବେଳକୁ ଓଜନ ଧାର୍ଯ୍ୟ ସୀମା ଠାରୁ ଅଧିକ ରହିଥିବା ଜଣାପଡ଼େ, ତା'ହେଲେ ଏଥିରେ ସୁଧାର ଆଣିବାରେ ଆଉ କୌଣସ ସୁଯୋଗ ମିଳି ନଥାଏ ବୋଲି ଦାହିୟା କହିଛନ୍ତି।

ଓଭର ୱେଟ କ୍ଷେତ୍ରରେ ଆଥଲେଟମାନଙ୍କୁ ଅତ୍ୟନ୍ତ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ମଙ୍ଗଳବାର ନିଜର ମ୍ୟାଚ୍ ଶେଷ କରିବା ପରେ ଭିନେଶ ସିଧା ଟ୍ରେନିଂ ସେକସନଙ୍କୁ ଯାଇଥିଲା। ସେ ଖାଦ୍ୟ ମଧ ଖାଇ ନଥିଲେ। ବୁଧବାର ଟ୍ରେନିଂରୁ ତାଙ୍କ ସକାଳ ଆରମ୍ଭ ହୋଇଥିଲା। ପୂର୍ବରୁ ସେ ୫୩ କେଜି ବର୍ଗରେ କୁସ୍ତି କରୁଥିଲେ। କିନ୍ତୁ ପ୍ୟାରିସ ପାଇଁ ସେ ନିଜର ଓଜନ କମାଇଥିଲେ। ଏଥିପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଛି। ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଭିନେଶଙ୍କ କୋଚ ତାଙ୍କୁ ଚୁଟି କାଟିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଓଜନ ୫୦ ଗ୍ରାମ କମିବ ବୋଲି ସେ କହିଥିଲେ। ହେଲେ ସେତେବେଳେ ଭିନେଶ ଚୁଟି କାଟି ନଥିଲେ। କିନ୍ତୁ ଏବେ ସେ ନିଜ ଆଉ ୫୦ କେଜି ବର୍ଗ ସୀମାରେ ରହିବା ପାଇଁ ଚୁଟି କାଟିଛନ୍ତି।

## ପ୍ୟାରିସ ୨୦୨୪ ଡ଼ିଜିଟାଲ ଅଲମ୍ପିକ ଗୋଷ୍ଠୀ ପାଇଁ ସାମସଙ୍ଗର "ସଲ୍ଭ ଫର ଟୁମରୋ"

**ନୂଆଦିଲ୍ଲୀ,୭।୮:** ସାମସଙ୍ଗ ଇଲେକ୍ଟ୍ରୋନିକ୍ସ ଯାହାକି ଏକ ବିଶ୍ୱସ୍ତରୀୟ ଅଲମ୍ପିକ ଏବଂ ପାରାଅଲମ୍ପିକ୍ ସ୍ମାର୍ଟଫୋନ ସହଯୋଗୀ, ପ୍ୟାରିସ ଠାରେ ଜୁଲାଇ ୩୧ ତାରିଖ ଦିନ ଆନ୍ତର୍ଜାତୀୟ ଅଲମ୍ପିକ କମିଟି (ଆଇଓସି) ର ମିଳିତ ସହଯୋଗରେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଛି ଯାହାକି ଅଲମ୍ପିକ ଏବଂ ପାରାଅଲମ୍ପିକ ଫ୍ୟାନ୍ସ ମାନଙ୍କ ମଧ୍ୟରେ ଡ଼ିଜିଟାଲ ଧାରାକୁ ଆହୁରି ବୃଦ୍ଧି କରିପାରିବ ଯାହା "ଟୁଗେଦର ଫର ଟୁମରୋ, ଏନବ୍ଲିଙ୍ଗ ପିପୁଲ" ଭାବେ ପରିଚିତ।

ସ୍ୱଟ ୨୪, ଯାହାକି ପ୍ୟାରିସର ଏକ ବିବିଧ ବ୍ୟବହାରକାରୀ ପ୍ରଦର୍ଶନୀ ସ୍ଥଳୀ ଭାବେ ପ୍ୟାରିସ ୨୦୨୪ ଅଲମ୍ପିକ ଖେଳ ନିମନ୍ତେ ଉତ୍ସର୍ଗୀକୃତ ଆୟୋଜିତ ଆଇଓସି କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷମାନଙ୍କ ମଧ୍ୟରେ ଥିଲେ, ଆଇଓସି ଅଧ୍ୟକ୍ଷ ଥମାସ୍ ବଚ୍, ଏମଡ଼ି ତଥା ଆଇଓସିର ଟେଲିଭିଜନ ଏବଂ ମାର୍କେଟିଙ୍ଗ ସେବା ଆନୀ ସୋଫି ଭୋମଡ଼, ପାରାଅଲମ୍ପିକ କମିଟି ସଭାପତି ଆଣ୍ଡ୍ରୁ ପାରର୍ସନ, ୱାଇଏଚ୍ ଲି, ସଭାପତି ଏବଂ ଗ୍ଲୋବାଲ ମାର୍କେଟିଙ୍ଗ ଅଫିସ ମୁଖ୍ୟ ସାମସଙ୍ଗ ଇଲେକ୍ଟ୍ରୋନିକ୍ସ। ସଭାପତି ତଥା ସାମସଙ୍ଗ ଇଲେକ୍ଟ୍ରୋନିକ୍ସ ୟୁରୋପ କାର୍ଯ୍ୟାଳୟ୨ କ୍ୟୁଙ୍ଗ ସୁଙ୍ଗ ଏବଂ ଲୁସ ଆବାଲ, ଜଣେ ପୂର୍ବତନ ଫ୍ରେନଚ୍ ହ୍ୟାଣ୍ଡବଲ ଖେଳାଳୀ ତଥା ସ୍ୱର୍ଣ୍ଣପଦକ ବିଜେତା ଏବଂ ଅନେକ ଗୁଡ଼ିଏ ଦୃଶ୍ୟମାନ ହେଉଥିବା କଳାକାର ଓ ଅଲମ୍ପିଆନ କଳାକାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଯାହାକି ଅଲମ୍ପିକ ମ୍ୟୁଜିୟମ ପ୍ୟାରିସ ୨୦୨୪ ଦ୍ୱାରା ପ୍ରତିନିଧିତ୍ୱ ହୋଇଥିଲା। ୟନ କୁଙ୍ଗ କିମ୍ ଜଣେ ପୂର୍ବତନ କୋରିଆ ଭଲିବଲ ଦଳର ଖେଳାଳୀ, ଟିମ୍ ଜିବି ସ୍କେଟବୋଡ଼ର ଆଣ୍ଡି ମାକ୍‌ଡ଼ୋନାଲ, ଅଷ୍ଟ୍ରେଲିଆର ପାରା ଆଥଲେଟ ମାଡ଼ିସନ ଡ଼ି ରୋଜାରିଓ ଏବଂ ୟୁକେର ପ୍ରସଙ୍ଗ ସୃଷ୍ଟିକାରୀ ରାପିଙ୍ଗ ସାଇନ୍ସ ଶିକ୍ଷକ ଏବଂ ମ୍ୟାଟ ଗ୍ରୀନ ଏହି ବିଶ୍ୱସ୍ତରୀୟ ପ୍ରକଳ୍ପରେ ଅଂଶ ଗ୍ରହଣ କରି ସାମାଜିକ ଗଣମାଧ୍ୟମ ଜରିଆରେ ନିଜର ପ୍ରସଙ୍ଗକୁ "ଟୁଗେଦର ଫର ଟୁମରୋ, ଏନବ୍ଲିଙ୍ଗ ପିପୁଲ" ମାଧ୍ୟମରେ ଉପସ୍ଥାପିତ କରିଥିଲେ। ସମଗ୍ର ପୃଥିବୀରେ ଅଲମ୍ପିକ ତଥା ପାରାଅଲମ୍ପିକ ଫ୍ୟାନ୍ସ ମାନଙ୍କୁ ଅଲମ୍ପିକର ଏହି ଆନ୍ଦୋଳନରେ ସାମିଲ କରିବା ତଥା ନୂତନ ଅଭିଜ୍ଞତା ପ୍ରଦାନ ଉଦ୍ଦେଶ୍ୟ ନେଇ "ଟୁଗେଦର ଫର ଟୁମରୋ, ଏନବ୍ଲିଙ୍ଗ ପିପୁଲ" ର ଏହି ପ୍ରକଳ୍ପ ସାମସଙ୍ଗ ଏବଂ ଆଇଓସି ଦ୍ୱାରା ବିକଶିତ ହୋଇଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ